RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -153 ସଂଖ୍ୟା-୧୫୩
ଭୁବନେଶ୍ୱର, ଶୁକ୍ରବାର ୨୮ ଅଗଷ୍ଟ ୨୦୨୬
Bhubaneswar, Friday 28 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବଢୁଛି ନେପାଳ ମୃତ୍ୟୁସଂଖ୍ୟା ୩୫୩

କାଠମାଣ୍ଡୁ, ୨୭।୮: ନେପାଳ ଜଳ ପ୍ରଳୟର ସମୟ ଯେତିକି ଗଡୁଛି ମୃତ୍ୟୁସଂଖ୍ୟା ସେତିକି ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା କାଦୁଅ ମିଶା ମାଟି ତଳୁ ମିଳାଣି ୩୫୩ ଜଣଙ୍କଜ ମୃତଦେହ। ଏହାବାଦ ଅନେକ ସ୍ଥାନରୁ ମିଳିଛି ଲୋକଙ୍କ କଟା ଗୋଡ ଓ ହାତ।

ଉଦ୍ଧାରକାରୀ ଟିମ ଚିତୱାନରୁ ସର୍ବାଧିକ ୧୦୮ଟି ମୃତଦେହ ଉଦ୍ଧାର କରିଥିବା ବେଳେ ନାୱାଲପାରାସିରୁ ୬୨ଟି, ଧାଡିଙ୍ଗରୁ ୨୭ଟି ଓ ପଶ୍ଚିମ ନାୱାଲପାରାସିରୁ ୧୫ଟି ମୃତଦେହ ଠାବ କରିଛନ୍ତି। ଏଥିସହ ଗୋର୍ଖାରୁ ୧୭, ରସୁୱାରୁ ୧୨, ନୁୱାକୋଟରୁ ୧୨ଟି ଓ ତାନାହୁନରୁ ୯ ଜଣଙ୍କ ମୃତଦେହ ମିଳିଛି।

କାଦୁଅ ମିଶା ମାଟି ତଳେ ପୋତି ହୋଇ ରହିଥିବା ୫୨ ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ ୨୬ ଜଣ ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲ ଓ ୨୦ ଜଣ ଟ୍ରମା ସେଣ୍ଟରରେ ଚିକିତ୍ସିତ ହେଉଥିବା ପୁଲିସ୍ ସୂଚନା ଦେଇଛି।

ଏପଟେ ଭାରତୀୟଙ୍କ ସ୍ଥିତାବସ୍ଥା ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ବିଧିବଦ୍ଧ ଭାବେ ସୂଚନା ଦେଇଛି। ମନ୍ତ୍ରଣାଳୟର ମୁଖପାତ୍ର ସ୍ପଷ୍ଟ କରିଛନ୍ତି ଯେ ନେପାଳ ଜଳ ପ୍ରଳୟ ପରେ ୨୮୮ ଜଣ ଭାରତୀୟଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏମାନଙ୍କ ମଧ୍ୟରେ ତ୍ରିଶୁଳୀ ପାୱାର ପ୍ରୋଜେକ୍ଟରେ କାମ କରୁଥିବା ୭୩ ଜଣ ଭାରତୀୟ ରହିଛନ୍ତି।

ତାମିଲନାଡୁରୁ ଦୁଇଟି ଗ୍ରୁପରେ ଯାଇଥି ୩୭ ଓ ୪୯, ପଶ୍ଚିମବଙ୍ଗର ୩୨ ଜଣ, କେରଳମର ୩୩ ଜଣ ଓ



ଦେଶର ଅନ୍ୟ ରାଜ୍ୟରୁ ୬୧ ଜଣ ବନ୍ୟା ପରେ ନିଖୋଜ ହୋଇ ଯାଇଛନ୍ତି। ତେବେ ଆଜି ଦିନ ୧ଟା ସୁଦ୍ଧା ଜଳ ପ୍ରଳୟ ମଧ୍ୟରୁ ତାମିଲନାଡୁର ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମନ୍ତ୍ରଣାଳର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ନେପାଳ ବ୍ୟତୀତ ବନ୍ୟା ପରେ ତିବ୍ବତରେ ମଧ୍ୟ ଅନେକ ଭାରତୀୟ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୨୦୦ ଜଣ ସହାୟତା ପାଇଁ ଯୋଗାଯୋଗ କରିଛନ୍ତି। ସେମାନଙ୍କୁ ଭାରତୀୟ ମିଶନ ଦ୍ୱାରା ସହାୟତା ଯୋଗାଇ ଦିଆଯାଉଛି। ଏହାବାଦ ସ୍ଥିତିକୁ ଦେଖି ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ପ୍ରତିଷ୍ଠା କରାଯାଇଛି।

ଅନ୍ୟପକ୍ଷରେ ନେପାଳର ଏପରି ସ୍ଥିତିରେ ସହାୟତା କରିବାକୁ ଭାରତ ସରକାର ୪୭.୫ ଟନର ରିଲିଫ ପଠାଇଛନ୍ତି। ସି-୧୩୦ଜେ ଓ ସି-୧୭ ଏୟାରକ୍ରାଫ୍ଟ ରିଲିଫ ସାମଗ୍ରୀ ଧରି ନେପାଳରେ ପହଞ୍ଚି ସାରିଥିବା ମଧ୍ୟ ସେ ସୂଚନା ଦେଇଛନ୍ତି।

## ନେପାଳ ବନ୍ୟାରେ ୩ ଓଡ଼ିଆ ନିଖୋଜ

ଭୁବନେଶ୍ୱର, ୨୭।୮: ନେପାଳରେ ବୁଧବାର ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟାରେ ଅତିକମରେ ୩୦୦ ଜଣ ଭାରତୀୟ ନାଗରିକଙ୍କ ସମେତ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ୍ ଏହି ସୂଚନା ଦେବା ସହ କହିଛନ୍ତି ଯେ ରସୁୱା ଅଞ୍ଚଳରେ ଘଟିଥିବା ଏହି ଅଘଟଣାର ପ୍ରାଥମିକ ଆକଳନ ଅନୁଯାୟୀ ୧୬୦ ଜଣଙ୍କ ମୃତ୍ୟୁ ଘଟିସାରିଛି।

ସୂଚନାଯୋଗ୍ୟ, ଖୋର୍ଦ୍ଧାଜିଲ୍ଲାର ବାସିନ୍ଦା ସନ୍ଦୀପ ମହାପାତ୍ର ଓ ସିଦ୍ଧାର୍ଥୀ କୁମାରୀ ସାହୁ ୨୦୨୬ ଅଗଷ୍ଟ ୨୨ରେ ନେପାଳରେ ପହଞ୍ଚିଥିଲେ। ବର୍ତ୍ତମାନ ସେମାନଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଛି। କେଣସି ପ୍ରକାର ଯୋଗାଯୋଗ ହୋଇପାରୁନାହିଁ। ତାଙ୍କ ଭଉଣୀଙ୍କଠାରୁ ସମସ୍ତ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ଦମ୍ପତି ୨୦୧୮ରୁ ଅଷ୍ଟ୍ରେଲିଆରେ ବସବାସ କରୁଛନ୍ତି। ଖବର ଲେଖାହେଲା ପର୍ଯ୍ୟନ୍ତ ସନ୍ଦୀପ ଓ ସିଦ୍ଧାର୍ଥୀଙ୍କ କୌଣସି ପ୍ରକାର ସୂଚନା ମିଳି ପାରି ନଥିଲା।

ସେହିପରି ପୁରୀ ଜିଲ୍ଲାର ବାସିନ୍ଦା ରାକେଶ କୁମାର ପଣ୍ଡା ଅନ୍ୟ ଦୁଇଜଣଙ୍କ ସହ ନେପାଳ ଯାଇଥିଲେ। ରାକେଶଙ୍କ ସମେତ ତାଙ୍କ ସହ ଥିବା ଦୁଇ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସମସ୍ତେ ରକ୍ସୌଲ୍ ସୀମା ଚେକ୍ ପୋଷ୍ଟ ଅତିକ୍ରମ କରି ଭାରତ ଫେରୁଥିବା ସୂଚନା ମିଳିଛି। ଏହି କ୍ରମରେ ଓଡ଼ିଶାର ୬ ଜଣ ଫୁଟବଲ୍



ଖେଳାଳିଙ୍କ ଏକ ଦଳ, କୋଚ୍ ହଲିମଙ୍କ ସହ ନେପାଳର ପୋଖରାଠାରେ ଏକ ଫୁଟବଲ୍ ମ୍ୟାଚ୍ ଖେଳିବା ପାଇଁ ଯାଇଥିଲେ। କୋଚ୍‌ଙ୍କ ସୂଚନା ଅନୁଯାୟୀ, ସମସ୍ତେ ସୁରକ୍ଷିତ ଅଛନ୍ତି।

ମାନସରୋବର ଯାତ୍ରା ପାଇଁ ବ୍ୟବହୃତ ମୁଖ୍ୟ ମାର୍ଗଟି ପ୍ରଭାବିତ ହୋଇଥିବାରୁ ନିଖୋଜ ଭାରତୀୟଙ୍କ ମଧ୍ୟରେ ଅଧିକାଂଶ ଶ୍ରଦ୍ଧାଳୁ ରହିଛନ୍ତି। ସେମାନଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ନେପାଳ ସରକାର ନିରନ୍ତର ଉଦ୍ୟମ ଚଳାଇଛନ୍ତି।

## ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର ୨୭।୮(ନି.ପ୍ର.): ଭୁବନେଶ୍ୱର ପୋଲିସ ଉପଆୟୁକ୍ତ ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ମୀନାଙ୍କ ଇସ୍ତଫାକୁ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ଅନ୍ତିମ ମୋହର ପାଇଁ ପଠାଇ ଦେଇଛନ୍ତି ।

୨୦୧୩ ବ୍ୟାଚ, ଆଇପିଏସ୍ ମୀନା ବ୍ୟକ୍ତିଗତ କାରଣ ଦର୍ଶାଇ ଗତ ଜୁନ ମାସରେ ସେ ଚାକିରୀରୁ ଇସ୍ତଫା ଦେଇଥିଲେ । ସେବେଠାରୁ ଗୃହ ବିଭାଗ ନିକଟରେ ତାଙ୍କର ଇସ୍ତଫା ପତ୍ର ରହିଥିଲା । ଶେଷରେ ଗୃହ ବିଭାଗ ଇସ୍ତଫାକୁ ଗ୍ରହଣ କରି କେନ୍ଦ୍ରକୁ ପଠାଇ ଦେଇଛି ।

ଆଇପିଏସ୍ ଜଗମୋହନ ମୀନା ଜଣେ ଦକ୍ଷ ଆଇପିଏସ୍ ଅଧିକାରୀଭାବେ ବେଶ ପରିଚିତ । ଆଉ ମାତ୍ର ୬ ମାସ ପରେ ସେ ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇଥାଆନ୍ତେ । ମାତ୍ର ଏହା ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି । ସେ ତିନେଗର କଟକ ଓ ଭୁବନେଶ୍ୱର ସହିତ ଚାରୋଟି ଜିଲ୍ଲା ମାଲକାନଗିରି, ଅନୁଗୋଳ ଓ ଗଞ୍ଜାମ ଜିଲ୍ଲାର ଆରକ୍ଷୀ ଅଧିକ୍ଷକଭାବେ ସଫଳତାର ସହିତ କାର୍ଯ୍ୟ କରିସାରିଛନ୍ତି । ଏହା ସହିତ କେସିଙ୍ଗା ଏସଡିପିଓଭାବେ କାର୍ଯ୍ୟ କରିଛନ୍ତି । ସେ ଆଇପିଏସ୍ ପାଇବା ପରେ ପ୍ରଥମେ ଗଞ୍ଜାମ ଜିଲ୍ଲାରେ ଟ୍ରେନି ଅଧିକାରୀଭାବେ ଯୋଗ ଦେଇଥିଲେ । ତାଙ୍କ କାର୍ଯ୍ୟ ଦକ୍ଷତା ଦେଖି ରାଜ୍ୟ ସରକାର ତାଙ୍କ କମିଶନରେଟ୍ ପୋଲିସରେ ନିଯୁକ୍ତି ଦେଇଥିଲେ । ସେ ୧ ଅକ୍ଟୋବର, ୨୦୨୪ରେ କଟକ ଡିସିପି ଭାବେ ଯୋଗ ଦେଇଥିଲେ । ଏହାପରେ ୨୦୨୫, ଫେବ୍ରୁଆରୀରେ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ନୂତନ ନିଯୁକ୍ତି ଦିଆଯାଇଥିଲା । ସେ ପିନାକ ମିଶ୍ରଙ୍କଠାରୁ ମାର୍ଚ୍ଚ ୫, ୨୦୨୫ ରେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଗୋଲାବନ୍ଧର ୧୩୭୧ ବିସ୍ଥାପିତଙ୍କ ପାଇଁ ୭୫.୬୦ କୋଟିର ପ୍ୟାକେଜ୍

ଭୁବନେଶ୍ୱର, ୨୭।୮(ନି.ପ୍ର.): ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଲାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କୁ ମିଳିଛି ବଡ଼ ଆଶ୍ୱାସନା। ଗଞ୍ଜାମଜିଲ୍ଲା ଗୋଲାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଲାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ (ଆରଆଣ୍ଡଆର୍) ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି,, ଗୋଲାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ବିସ୍ଥାପିତ ଅଣଦେଖା ହୋଇ ରହିଥିଲେ। ବିଗତ ୨୪ ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ ନୋଳିଆ ପରିବାରଙ୍କ ସ୍ୱରକୁ ଚାପି ରଖିଥିବା ବେଳେ, 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି।

ସୂଚନା ଯୋଗ୍ୟଯେ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଉଇଞ୍ଜ ମାଧ୍ୟମରେ ପ୍ରଦାନ କରାଯାଉଛି। ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଟଙ୍କା ଆବଣ୍ଟନ କରାଯାଇଛି, ଯେଉଁଥିରେ ୯୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କୀର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି।

ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶୀଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଆର୍ଯ୍ୟପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।



କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ଷୁଦ୍ର-ଅଣୁ-ମଧ୍ୟମ ଶିଳ୍ପ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ସାଂସଦ ଡ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢୀ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ ଗୋଲାବନ୍ଧର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ଭାବବିହ୍ୱଳ ପରିବେଶ ମଧ୍ୟରେ ସ୍ୱାଗତ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ନିଜ ହାତରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ।

## ଜେନ୍-ଜିଙ୍କ ସହ ଖେଲୋ ଇଣ୍ଡିଆ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୮ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଜେନ୍-ଜିଙ୍କ ସହିତ ସିଧାସଳଖ ଆଲୋଚନା କରିଛନ୍ତି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଭର୍ଚ୍ଚୁଆଲ୍ ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଯୁବପିଢ଼ିଙ୍କ ମନରେ ନୂତନ ଚିନ୍ତାଧାରା ଆସିବା ଉଚିତ୍। କ୍ରୀଡା ଆମକୁ ଜୀବନର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଶିଖାଏ। ପ୍ରଧାନମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୧୫ ତାରିଖରେ, ମୁଁ ଲାଲକିଲ୍ଲାରୁ ଭାରତର କ୍ରୀଡା ଭିଜନ୍‌କୁ ଦେଶ ସମ୍ମୁଖରେ ଉପସ୍ଥାପନ କରିଥିଲି। କ୍ରୀଡା କେବଳ ପଦକ ଜିତିବା ପାଇଁ ନୁହେଁ। ଏହା ଏକ ବିକଶିତ ଭାରତ ଗଠନରେ ଭାରତର କ୍ରୀଡା ସମ୍ଭାବନା ଏବଂ ଯୁବଶକ୍ତିଙ୍କୁ ଏକତ୍ର କରିବାର ଏକ ଅଭିଯାନ ।ଯେଉଁମାନେ ଖେଳନ୍ତି, ସେମାନେ ପ୍ରସ୍ଫୁଟିତ ହୁଅନ୍ତି। କ୍ରୀଡ଼ାରେ 'ପ୍ରସ୍ଫୁଟିତ'ର ଅର୍ଥ କେବଳ ପଡ଼ିଆରେ ଜିତିବା ନୁହେଁ। ଏହାର ଅର୍ଥ ବ୍ୟକ୍ତି ଏବଂ ପରିବାରର ବିକାଶ। ଏହାର ଅର୍ଥ ଦେଶର ସମ୍ମାନ ବୃଦ୍ଧି କରିବା । ଯେତେବେଳେ ଜଣେ ଖେଳାଳି ସଫଳ ହୁଅନ୍ତି, ସେହି ସଫଳତା କେବଳ ତାଙ୍କର ନୁହେଁ। ଏହା ତାଙ୍କ ପରିବାରର ପ୍ରତିଷ୍ଠା ବୃଦ୍ଧି କରେ। ଏହା ତାଙ୍କ ସ୍କୁଲ ଏବଂ କଲେଜର ସମ୍ମାନ ବୃଦ୍ଧି କରେ। ଏହା ତାଙ୍କ ଜିଲ୍ଲା ଏବଂ ରାଜ୍ୟ ପାଇଁ ପରିଚୟ ଆଣିଥାଏ। ବିଶ୍ୱ ସେହି ସହର କିମ୍ବା ରାଜ୍ୟକୁ ସେହି ଖେଳାଳିଙ୍କ ନାମରେ ଚିହ୍ନିବା ଆରମ୍ଭ କରିଥାଏ।



ଯଦି ଆମକୁ ୨୦୩୬ ଅଲମ୍ପିକ ପାଇଁ ଖେଳାଳି ଆବଶ୍ୟକ , ତେବେ ଆମକୁ ଆଜି ୫, ୧୦ କିମ୍ବା ୧୫ ବର୍ଷ ବୟସର ଯୁବକ ବାଳକ ଏବଂ ବାଳିକାମାନଙ୍କ ଉପରେ ଧ୍ୟାନ ଦେବାକୁ ପଡିବ। ୫ ରୁ ୧୫ ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଭା ଚିହ୍ନଟ କରିବା ପାଇଁ ସାରା ଦେଶର ଗାଁ, ସହର ଏବଂ ସ୍କୁଲଗୁଡ଼ିକରେ ଏକ ପ୍ରତିଭା-ଅନ୍ୱେଷଣ ଅଭିଯାନ କରାଯିବା ଆବଶ୍ୟକ। ପ୍ରସ୍ତାବିତ ପ୍ରତିଭା ଅନ୍ୱେଷଣ ଭାରତର କ୍ରୀଡ଼ା ଭିତ୍ତିଭୂମିକୁ ବିସ୍ତାର କରିବା, ଯୁବ ବୟସରେ ସମ୍ଭାବ୍ୟ ଚାମ୍ପିଅନମାନଙ୍କୁ ଚିହ୍ନଟ କରିବା ଏବଂ ଅଲିମ୍ପିକ୍ସ ଶୃଙ୍ଖଳାରେ ଦେଶର ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ବ୍ୟାପକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ବୋଲି ଆଶା କରାଯାଉଛି। ୨୦୩୦ ମସିହାରେ ଅହମଦାବାଦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଥିବାରୁ ଭବିଷ୍ୟତର ବହୁ-କ୍ରୀଡା ଇଭେଣ୍ଟ ପାଇଁ ଭାରତର ପ୍ରସ୍ତୁତିକୁ ନୂଆ ଦିଗ ମିଳିବ। ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଦାବିଦାରମାନଙ୍କ ମଧ୍ୟରେ ଏହି ଗୁଜରାଟ ସହର ମଧ୍ୟ ରହିଛି।

## ଖୁରାନିଆଙ୍କୁ ହାଇକୋର୍ଟରୁ ନୋଟିସ୍

କଟକ, ୨୭।୮(ନି.ପ୍ର.): ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ମାନ୍ୟବର ଉଚ୍ଚ ଅଦାଲତ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ନ କରିବା ଓ ଅଦାଲତ ଅବମାନନା ମାମଲାରେ ବିଭ୍ରାନ୍ତିମୂଳକ ସତ୍ୟପାଠ ଦାଖଲ ଦେବା ଅଭିଯୋଗରେ ନୋଟିସ୍ ହୋଇଛି । ୨୦୨୫, ସେପ୍ଟେମ୍ବର ୨୫ର ଆଦେଶର ଜାଣିଶୁଣି ଉଲ୍ଲଂଘନ ପାଇଁ କାହିଁକି ତାଙ୍କ ବିରୋଧରେ ଅଦାଲତ ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଉତ୍ତର ରଖିବାକୁ ହାଇକୋର୍ଟ ନୋଟିସ୍ ରେ କହିଛନ୍ତି । ସପ୍ତାହ ମଧ୍ୟରେ ନୋଟିସର ଜବାବ ରଖିବାକୁ ଅଦାଲତ ମହଲତ ଦେଇଛନ୍ତି ।

## ୩୩୬ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର ନିୟୋଜିତ

ଭୁବନେଶ୍ୱର, ୨୭।୮(ନି.ପ୍ର.): ଓଡିଶା ପୁଲିସ ମହିଳାଙ୍କ ସୁରକ୍ଷା, ମହିଳାଙ୍କ ବିରୋଧରେ ଅପରାଧ ରୋକିବା ପାଇଁ ସଂଗଠିତ ଅପରାଧର ସିଣ୍ଡିକେଟ୍‌କୁ ଭାଙ୍ଗିବା ସହ ନିଶାଦ୍ରବ୍ୟ ଓ ବେଆଇନ ମଦ ବିରୋଧରେ ନିରନ୍ତର ଅଭିଯାନ ଜାରି ରଖିଛି। ସୂଚନାଯୋଗ୍ୟ, ଓଡ଼ିଶା ପୁଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୨୬ ରାତିରେ କଟକ ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ବେଆଇନ ଅସ୍ତ୍ରଶସ୍ତ୍ର, ବେଆଇନ ମଦ, ନିଶାଦ୍ରବ୍ୟ, ଅପରାଧିକ କାର୍ଯ୍ୟକଳାପ, ମଦ୍ୟପାନ କରି ଗାଡ଼ି ଚାଳନା ଏବଂ ଅନ୍ୟାନ୍ୟ ଟ୍ରାଫିକ୍ ଉଲ୍ଲଂଘନ ରୋକିବା ଓ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ରାତ୍ରିକାଳୀନ ପାଟ୍ରୋଲିଂ ଓ ଯାଞ୍ଚକୁ ମଧ୍ୟ ଜୋରଦାର କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନରେ ମୋଟ ୩୩୬ ଜଣ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଥିଲା।

କଟକରେ ୯୦ଟି ମଦ୍ୟପାନ କରି ଗାଡ଼ି ଚାଳନା ମାମଲା ଚିହ୍ନଟ । ୯୦ଟି ଗାଡ଼ି ଜବତ। ଏଥିରେ ୨୧ଟି ଚାରିଚକିଆ ଓ ୬୯ଟି ଦୁଇଚକିଆ ଯାନ ରହିଛି। ୨ଟି ଅବକାରୀ ମାମଲା ଚିହ୍ନଟ ଏବଂ ୩୫ ଲିଟର ମଦ ଜବତ । ପରିବର୍ତ୍ତିତ ସାଇଲେନ୍ସର୍ ସମ୍ବନ୍ଧୀୟ ୨ଟି ମାମଲା ଚିହ୍ନଟ । ୪ଟି ମୋବାଇଲ୍ ଫୋନ୍ ଜବତ।

ଭୁବନେଶ୍ୱରରେ ୧୨୨ଟି ମଦ୍ୟପାନ କରି ଗାଡ଼ି ଚାଳନା ମାମଲା ରୁଜୁ ଏବଂ ୧୨୨ଟି ଯାନ ଜବତ। ଏଥିରେ ୪୯ଟି ଚାରିଚକିଆ, ୮ଟି ତିନିଚକିଆ ଓ ୬୫ଟି ଦୁଇଚକିଆ ଯାନ ରହିଛି । ମୋଟର ଯାନ ଓ ଅନ୍ୟାନ୍ୟ ଉଲ୍ଲଂଘନ ବାବଦରେ ୭୯,୫୦୦ ଟଙ୍କା ଜରିମାନା ଆଦାୟ। ଚନ୍ଦ୍ରଶେଖରପୁର ଥାନା ପୁଲିସ ୨ଟି ବାଲି ବୋଝେଇ ହାଇୱା ଜବତ କରିଛି। ମଞ୍ଚେଶ୍ୱର ଥାନା ପୁଲିସ ୨ଟି ଅବକାରୀ ମାମଲା ଏବଂ ପରିବର୍ତ୍ତିତ ସାଇଲେନ୍ସର୍ ସମ୍ବନ୍ଧୀୟ ୨ଟି ମାମଲା ଚିହ୍ନଟ କରିଛି। ଖଣ୍ଡଗିରି ଥାନା ପୁଲିସ ପାଟ୍ରୋଲିଂ ସମୟରେ ନିଛାଟିଆ ସ୍ଥାନରେ ମଦ୍ୟପାନ କରୁଥିବା ୩ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଛି । ଏହି ସ୍ୱତନ୍ତ୍ର ଅଭିଯାନରେ ମଦ୍ୟପାନ କରି ଗାଡ଼ି ଚାଳନା, ପରିବର୍ତ୍ତିତ ସାଇଲେନ୍ସର୍, ବେଆଇନ କାର୍ଯ୍ୟକଳାପ ଓ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଇଛି।



### ଡାହୁକ



ପାଞ୍ଚ ଶହ ଦେଇ ପରିବା କିଣିଲେ
ବ୍ୟାଗ ନ ହୁଏ ଅଧା
ମନ ଘର ଧରି ଯାଏ ଖାଉଟିର
ଏମିତି ହେଉଛି ବାଧା
ବୁଝି ହୋଇଯାଏ ସିଧା
ଯେମିତିକା କରି ଖାତା ଧରା ଧରି
ଫାଷ୍ଟ କିଲାସରେ ଗଧା.... ।

-ବିଧୁ

## ବିଗୁଡୁଛି ମୃତ୍ତିକା ଅବସ୍ଥା: ଅଧାରୁ ଅଧିକ ଖରାପ ସ୍ଥିତିରେ

ନ୍ୟୁୟର୍କ, ୨୭।୮: ବିଶ୍ୱର ଅଧାରୁ ଅଧିକ ମୃତ୍ତିକା ଖରାପ ଅବସ୍ଥାରେ ଅଛି। ଫଳରେ ଏହା ବିଶ୍ୱର ଖାଦ୍ୟ ଯୋଗାଣ ଏବଂ ବିବିଧ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବଞ୍ଚିବା ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୃତ୍ତିକାକୁ ଉନ୍ନତ କରିବାର ପଦ୍ଧତିଗୁଡ଼ିକ ପୂର୍ବରୁ ଜଣାଥିଲେ ମଧ୍ୟ ସେସବୁକୁ ଗ୍ରହଣ କରାଯାଉ ନାହିଁ ବୋଲି ଜାତିସଂଘ (ୟୁଏନ)ର ଏକ ରିପୋର୍ଟରେ କୁହାଯାଇଛି। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଏଫଏଓ) ସତର୍କ କରାଇ ଦେଇଛି, ବିଶ୍ୱକୁ ମୃତ୍ତିକାର ବ୍ୟବହାର ନେଇ ଯତ୍ନବାନ ହେବା ଉଚିତ୍। ବିଶେଷଜ୍ଞମାନଙ୍କ ଅନୁସାରେ ମୃତ୍ତିକାରୁ ଖାଦ୍ୟର ୯୫% ଉତ୍ପାଦନ ହୋଇଥାଏ। ବିଶ୍ୱର ପ୍ରାୟ ୫୯% ଉଦ୍ଭିଦ ଏବଂ ପ୍ରାଣୀ ଖାଦ୍ୟ ପାଇଁ ମୃତ୍ତିକା ଉପରେ ନିର୍ଭର କରିଥାନ୍ତି। ସମୁଦ୍ର ପରେ ମୃତ୍ତିକା ମଧ୍ୟ ବିଶ୍ୱର ଦ୍ୱିତୀୟ ବୃହତ୍ତମ କାର୍ବନ ଶୋଷକ। ଏହା ସତ୍ତ୍ୱେ, ମାଟିର ଅବସ୍ଥା ବହୁତ ଦ୍ରୁତ ଗତିରେ ଖରାପ ହେବାରେ ଲାଗିଛି ।ରିପୋର୍ଟ ଅନୁଯାୟୀ, ବିଶ୍ୱର ୫୨.୫% ଅଞ୍ଚଳରେ ମୃତ୍ତିକା ପରିଚାଳନା ଖରାପ କିମ୍ବା ଅତି ଖରାପ ରହିଛି। ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳରେ ମୃତ୍ତିକା ପରିଚାଳନା ହାରାହାରି ଭଲ ରହିଛି। ଅପରପକ୍ଷରେ କେବଳ ୧୪% ଅଞ୍ଚଳରେ ମୃତ୍ତିକା ପରିଚାଳନା ଅତି ଭଲ ଭାବେ କରାଯାଉଛି।

ବିଶ୍ୱର ମୃତ୍ତିକା ଉପରେ ଏଫଏଓର ଏହା ଦ୍ୱିତୀୟ ରିପୋର୍ଟ। ପ୍ରଥମ ରିପୋର୍ଟ ୨୦୧୫ରେ ପ୍ରକାଶିତ ହୋଇଥିଲା। ଏଫଏଓ ରିପୋର୍ଟ ଅନୁସାରେ ୨୦୧୫ ପରଠାରୁ ବିଶ୍ୱର ଜନସଂଖ୍ୟା ୮୦ କୋଟି ବୃଦ୍ଧି ପାଇଛି। ପ୍ରାୟ ୮ କୋଟି ହେକ୍ଟରରୁ ଅଧିକ ଜମି ଚାଷ ପାଇଁ ବ୍ୟବହୃତ ହେଉଛି। ଚାଷ ଜମିର କ୍ଷେତ୍ରଫଳ ଫ୍ରାନ୍ସ ଏବଂ ଜର୍ମାନୀର ମିଳିତ ଆକାର ସହିତ ସମାନ ରହିଛି। ବିଶେଷଜ୍ଞଙ୍କ ମତରେ,ସବୁଠାରୁ ବଡ଼ ବିପଦ ହେଉଛି ମୃତ୍ତିକା କ୍ଷୟ। ଦୁର୍ବଳ ଏବଂ ଅନୁପଯୁକ୍ତ ମୃତ୍ତିକା ପରିଚାଳନା ପଦ୍ଧତି ପାଣି ଦ୍ୱାରା ମାଟିକୁ ଧୋଇ ନେଇପାରେ କିମ୍ବା ପବନ ଦ୍ୱାରା ଉଡ଼ିଯାଇପାରେ। ମୃତ୍ତିକା ପାଇଁ ଅନ୍ୟାନ୍ୟ ବିପଦ ମଧ୍ୟରେ ଜୈବ ପଦାର୍ଥର ହ୍ରାସ, ପୁଷ୍ଟିକର ପଦାର୍ଥର ଅନୁପଯୁକ୍ତ ବ୍ୟବହାର, ଉଦ୍ଭିଦ ଏବଂ ଜୀବାଣୁ ସଂଖ୍ୟାରେ ହ୍ରାସ, ଲୁଣ ଜମା, ପ୍ରଦୂଷଣ ଏବଂ ସହରାଞ୍ଚଳ ବ ?ିବା ଆଦି ମାନବୀୟ କାର୍ଯ୍ୟ ରହିଛି। ଜଳବାୟୁ ପରିବର୍ତ୍ତନ ଏହି ସମସ୍ୟାକୁ ଆହୁରି ବଢ଼ାଇଛି। ମୃତ୍ତିକାର ଅବକ୍ଷୟ ମଧ୍ୟ ଜଳବାୟୁ ପରିବର୍ତ୍ତନକୁ ସଙ୍କଟ ଜନକ କରୁଛି। ମୃତ୍ତିକାର ସ୍ଥିତିରେ ଉନ୍ନତି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମାଇ ବିଶ୍ୱ ତାପନ ହ୍ରାସ କରିବାରେ ମଧ୍ୟ ସହାୟକ ହେବ ।ମୃତ୍ତିକା କ୍ଷୟକୁ ରୋକିବାର ଏକ ପ୍ରମୁଖ ଉପାୟ ହେଉଛି ଚାଷ କମାଇବା ଅବା ସମ୍ପୂର୍ଣ୍ଣ ବନ୍ଦ କରିବା। ଚାଷ ଯୋଗୁଁ ମୃତ୍ତିକାରେ ଥିବା ଅଣୁଜୀବ ଏବଂ ଜୈବିକ ଉପାଦନକୁ କ୍ଷତି ପହଞ୍ଚିଥାଏ। ମୃତ୍ତିକାକୁ ଢିଲା କରିବା ଦ୍ୱାରା ଏହା ଜଳ ପ୍ରବାହ ଏବଂ ପବନ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାଏ।

ଶୁକ୍ରବାର ୨୮ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Friday, August 28 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଗରିବ ଓ ମଧ୍ୟବିତ୍ତଙ୍କ ରୋଷେଇଘରରେ ଲୁହ

ପିଆଜର ଦର ବଢ଼ିଲେ ଆଖିରୁ ଲୁହ ଆସେ, କିନ୍ତୁ ଆଜି ସେହି ଲୁହ କେବଳ ପିଆଜର ନୁହେଁ, ଏହା ଗରିବ ଓ ମଧ୍ୟବିତ୍ତ ପରିବାରର ଆର୍ଥିକ ଯନ୍ତ୍ରଣାର ଲୁହ । ଚିନିର ଦର ବଢ଼ିଲେ ଚା'ରେ ଚିନି କମିଯାଏ, ମିଠାରେ ମିଠାସ କମିଯାଏ, କିନ୍ତୁ ଘରର ମାସିକ ଖର୍ଚ୍ଚ କମେ ନାହିଁ । ଏହା ହେଉଛି ଆଜିର ସାଧାରଣ ମଣିଷର ବାସ୍ତବତା । ଦରମା ସୀମିତ, ରୋଜଗାର ଅନିଶ୍ଚିତ, ଚାଷୀଙ୍କ ଆୟ ଅସ୍ଥିର, କିନ୍ତୁ ନୈମିତ୍ତିକ ଜୀବନର ଖର୍ଚ୍ଚ ଦିନକୁ ଦିନ ବଢ଼ୁଛି । ସରକାର କହୁଛନ୍ତି ଦେଶରେ ପିଆଜ ଉତ୍ପାଦନ ପର୍ଯ୍ୟାପ୍ତ, ବଫର ମହଜୁଦ ରହିଛି ଏବଂ ଦର ନିୟନ୍ତ୍ରଣ ପାଇଁ ମହଜୁଦ ପିଆଜ ବଜାରକୁ ଛଡ଼ାଯାଉଛି । ଏହା ଭଲ ପଦକ୍ଷେପ । କିନ୍ତୁ ଜନତାର ପ୍ରଶ୍ନ ହେଉଛି—ଯଦି ପିଆଜ ଯଥେଷ୍ଟ ଅଛି, ତେବେ ବଜାରରେ ଦର ବଢ଼ୁଛି କାହିଁକି ? ଯଦି ମହଜୁଦ ଅଛି, ତେବେ ସାଧାରଣ ଲୋକଙ୍କ ରୋଷେଇଘରରେ ତାହାର ରାହତ କାହିଁକି ଅନୁଭବ ହେଉନାହିଁ ? ଯଦି ଉତ୍ପାଦନ ଅଧିକ, ତେବେ ଉତ୍ପାଦକ ଚାଷୀ ଓ ଉପଭୋକ୍ତା ଉଭୟ କାହିଁକି ଚାପରେ ? ଏହି ପ୍ରଶ୍ନର ଉତ୍ତର ଦେବା ସରକାରଙ୍କ ଦାୟିତ୍ୱ । କେବଳ ଘୋଷଣା କରିଦେଲେ ମହଙ୍ଗାଇ ନିୟନ୍ତ୍ରଣ ହୁଏ ନାହିଁ । ମହଙ୍ଗାଇର ପ୍ରକୃତ ଚିତ୍ର ବୁଝିବାକୁ ହେଲେ ଗାଁର ଚାଷୀଠାରୁ ସହରର ଗରିବ ପରିବାର ପର୍ଯ୍ୟନ୍ତ ଯିବାକୁ ପଡ଼ିବ । ଆଜି ସବୁଠାରୁ ବଡ଼ ଲଜ୍ଜାର ପ୍ରଶ୍ନ ହେଉଛି—ପିଆଜ ପାଇଁ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ଓ ବୈଜ୍ଞାନିକ ସଂରକ୍ଷଣ ବ୍ୟବସ୍ଥା କେଉଁଠି ? ଚାଷୀ ଫସଲ ଉତ୍ପାଦନ କରିବେ, କିନ୍ତୁ ଉତ୍ପାଦନ ପରେ ଯଦି ସଂରକ୍ଷଣର ଅଭାବରେ ପିଆଜ ନଷ୍ଟ ହେବ, ତେବେ ଏହାର ଦାୟିତ୍ୱ କାହାର ? ଭାରତରେ ପିଆଜ ସଂରକ୍ଷଣ ସମୟରେ ବହୁତ ପରିମାଣରେ କ୍ଷତି ହେବା ଏକ ପୁରୁଣା ସମସ୍ୟା । ବୈଜ୍ଞାନିକ ସଂରକ୍ଷଣ ପଦ୍ଧତି ଦ୍ୱାରା ଏହି କ୍ଷତି ଅନେକ ହ୍ରାସ କରାଯାଇପାରେ । ତେବେ ପ୍ରଶ୍ନ ହେଉଛି—ଗବେଷଣା ଅଛି, ପ୍ରଯୁକ୍ତି ଅଛି, ଆବଶ୍ୟକତା ଅଛି, ତେବେ ଚାଷୀଙ୍କ ଗାଁ ପାଖରେ ପର୍ଯ୍ୟାପ୍ତ ବୈଜ୍ଞାନିକ ଭଣ୍ଡାର କାହିଁକି ନାହିଁ? ପ୍ରତିବର୍ଷ ଫସଲ ଅମଳ ସମୟରେ ଚାଷୀ ଯଦି ଅତ୍ୟନ୍ତ କମ୍ ଦାମରେ ପିଆଜ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି ଏବଂ କିଛି ମାସ ପରେ ସେହି ପିଆଜ ଲୋକେ ଅଧିକ ଦାମରେ କିଣନ୍ତି, ତେବେ ଏହି ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଅଛି । ଚାଷୀଙ୍କ ହାତରେ ଦର କମ୍, ଉପଭୋକ୍ତାଙ୍କ ହାତରେ ଦର ଅଧିକ—ତାହାହେଲେ ମଝିରେ ଥିବା ବ୍ୟବସ୍ଥା କାହା ପାଇଁ କାମ କରୁଛି ? ଏହି ପ୍ରଶ୍ନର ଉତ୍ତର ଜନତା ଚାହୁଁଛନ୍ତି । କେବଳ ବଡ଼ ବଡ଼ ଭଣ୍ଡାର ନୁହେଁ, ଗାଁ ଓ ଚାଷୀ ନିକଟରେ ଛୋଟ ଓ ମଧ୍ୟମ ବୈଜ୍ଞାନିକ ସଂରକ୍ଷଣ କେନ୍ଦ୍ର ତିଆରି କରିବା ଆବଶ୍ୟକ । ଚାଷୀ ନିଜ ଫସଲକୁ କିଛି ମାସ ସୁରକ୍ଷିତ ରଖିପାରିଲେ ତୁରନ୍ତ ବିକ୍ରି କରିବାର ବାଧ୍ୟତା କମିବ । ଫସଲ ନଷ୍ଟ ହେବ ନାହିଁ, ଚାଷୀଙ୍କ ଆୟର ସୁଯୋଗ ବଢ଼ିବ ଏବଂ ବଜାରରେ ହଠାତ୍ ଅଭାବ ମଧ୍ୟ କମିପାରିବ । ଏହା ସହିତ ଚିନିର ଦରକୁ ମଧ୍ୟ ଗୁରୁତ୍ୱର ସହ ଦେଖିବା ଦରକାର । ଚିନି ଗରିବ ଓ ମଧ୍ୟବିତ୍ତ ପରିବାରର ନୈମିତ୍ତିକ ଆବଶ୍ୟକତାର ଏକ ଅଂଶ । ଚିନିର ଦର ବଢ଼ିଲେ ଘରୋଇ ଖର୍ଚ୍ଚ ସହିତ ଚା' ଦୋକାନ, ମିଠା ଦୋକାନ ଓ ଛୋଟ ଖାଦ୍ୟ ବ୍ୟବସାୟ ମଧ୍ୟ ପ୍ରଭାବିତ ହୁଏ । ବ୍ୟବସାୟୀଙ୍କ ଖର୍ଚ୍ଚ ବଢ଼ିଲେ ତାହାର ପ୍ରଭାବ ଶେଷରେ ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିଥାଏ । ତେଣୁ ପିଆଜ ଓ ଚିନିର ଦରକୁ ଅଲଗା ଅଲଗା ଭାବରେ ଦେଖିଲେ ହେବ ନାହିଁ । ଏହା ଖାଦ୍ୟ ଖର୍ଚ୍ଚ ଓ ପରିବାରର କ୍ରୟକ୍ଷମତା ସହିତ ସିଧାସଳଖ ଜଡ଼ିତ । ଆଜି ମଧ୍ୟବିତ୍ତ ପରିବାରର ଅବସ୍ଥା ଅତ୍ୟନ୍ତ କଷ୍ଟକର । ଘରଭଡ଼ା, ପିଲାଙ୍କ ପାଠପଢ଼ା, ଔଷଧ, ବିଦ୍ୟୁତ ବିଲ୍, ଯାତାୟାତ, ଘର ଋଣ, ନୈମିତ୍ତିକ ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶି ମାସିକ ଆୟର ବଡ଼ ଅଂଶ ଶେଷ ହୋଇଯାଉଛି । ତା'ପରେ ପିଆଜ, ଚିନି ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷର ଦର ବଢ଼ିଲେ ପରିବାରର ମାସିକ ହିସାବ ଭାଙ୍ଗିଯାଏ । ଗରିବ ପରିବାରର ଅବସ୍ଥା ତା'ଠାରୁ ଅଧିକ ଦୟନୀୟ । ଯେଉଁ ପରିବାର ଦିନକୁ ଦିନ ଆୟ କରି ଦିନକୁ ଦିନ ଖର୍ଚ୍ଚ କରନ୍ତି, ସେମାନଙ୍କ ପାଇଁ ଏକ କିଲୋ ପିଆଜର ଦର ବଢ଼ିବା ମଧ୍ୟ ବଡ଼ ଆଘାତ । ଆମେ ଯେତେବେଳେ ମହଙ୍ଗାଇର ଆଙ୍କଡ଼ା ନେଇ ଆଲୋଚନା କରୁଛୁ, ସେତେବେଳେ ଭୁଲିଯାଉଛୁ ଯେ ଆଙ୍କଡ଼ା ପଛରେ ଲକ୍ଷ ଲକ୍ଷ ପରିବାରର ଜୀବନ ରହିଛି । ବର୍ତ୍ତମାନ ବର୍ଷା ଓ ବନ୍ୟାର ସମୟ । ଏହି ସମୟରେ ଆଉ ଏକ ବଡ଼ ଆଶଙ୍କା ଦେଖାଦେଉଛି । ଭାରୀ ବର୍ଷା, ବନ୍ୟା, ରାସ୍ତା ଓ ଯୋଗାଯୋଗ ବ୍ୟାହତ ହେଲେ ଚାଷ ଉତ୍ପାଦ ବଜାରକୁ ପହଞ୍ଚିବାରେ ବିଳମ୍ବ ହୋଇପାରେ । ଯେଉଁଠାରେ ଫସଲ ଅଛି, ସେଠାରୁ ଯେଉଁଠାରେ ଚାହିଦା ଅଛି ସେଠାକୁ ଶୀଘ୍ର ପହଞ୍ଚାଇବା ପାଇଁ ଦୃଢ଼ ବ୍ୟବସ୍ଥା ଦରକାର । ବନ୍ୟା ସମୟରେ ଯଦି ରାସ୍ତା ବନ୍ଦ ହୁଏ, ପରିବହନ ବ୍ୟାହତ ହୁଏ ଏବଂ ନଷ୍ଟ ହେବାଯୋଗ୍ୟ ଖାଦ୍ୟ ସମୟରେ ବଜାରକୁ ନ ପହଞ୍ଚେ, ତେବେ ଅଭାବର ଭୟରେ ଦର ବଢ଼ିପାରେ । ସେଥିପାଇଁ ବର୍ଷା ଓ ବନ୍ୟା ପୂର୍ବରୁ ଖାଦ୍ୟ ମହଜୁଦ, ସଂରକ୍ଷଣ, ପରିବହନ ଓ ବଜାର ନିରୀକ୍ଷଣର ସ୍ପଷ୍ଟ ଯୋଜନା ରହିବା ଦରକାର । ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ସମଗ୍ର ବଜାର ବ୍ୟବସ୍ଥାର ଦାୟିତ୍ୱ । ବନ୍ୟା ସମୟରେ ଯଦି ଜଣେ ବ୍ୟବସାୟୀ ଅଭାବର ସୁଯୋଗ ନେଇ ମଜୁତ କରନ୍ତି କିମ୍ବା ଅତ୍ୟଧିକ ଦର ନେନ୍ତି, ତେବେ ତାଙ୍କ ବିରୋଧରେ ତୁରନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଜନତା ମହଙ୍ଗାଇର ଭାର ବୋହିବେ ଏବଂ କେହି ଅସାଧୁ ଭାବରେ ଲାଭ କରିବେ—ଏହା କୌଣସି ନ୍ୟାୟସଙ୍ଗତ ବ୍ୟବସ୍ଥା ନୁହେଁ । ସରକାରଙ୍କୁ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ କେବଳ ବଫର ମହଜୁଦ ରଖିବା ଯଥେଷ୍ଟ ନୁହେଁ । ମହଜୁଦ କେଉଁଠି ରହିଛି, କିପରି ସଂରକ୍ଷିତ ହେଉଛି, କେତେ ନଷ୍ଟ ହେଉଛି, କେବେ ବଜାରକୁ ଆସୁଛି ଏବଂ ସାଧାରଣ ଲୋକ କେତେ ଦରରେ ପାଉଛନ୍ତି—ଏସବୁ ବିଷୟରେ ସ୍ୱଚ୍ଛତା ଆବଶ୍ୟକ । ଚାଷୀଙ୍କ ଘାମରେ ଉତ୍ପାଦିତ ପିଆଜ ନଷ୍ଟ ହେବ ଏବଂ ଲୋକେ ଅଧିକ ଦାମରେ କିଣିବେ—ଏହି ବିରୋଧାଭାସ ଆଉ କେତେଦିନ ? ଚାଷୀଙ୍କୁ ଉତ୍ପାଦନ ପାଇଁ ସହାୟତା, ଭଲ ବିହନ, ଜଳସେଚନ, ବୈଜ୍ଞାନିକ ସଂରକ୍ଷଣ, ଯଥାର୍ଥ ବଜାର ଓ ନ୍ୟାୟସଙ୍ଗତ ଦାମ ଦରକାର । ଉପଭୋକ୍ତାଙ୍କୁ ଦରକାର ସୁଲଭ ମୂଲ୍ୟ । ଏହି ଦୁଇଟି ଆବଶ୍ୟକତାକୁ ଏକାସାଙ୍ଗେ ପୂରଣ କରିବା ହିଁ ସରକାରଙ୍କ ପ୍ରକୃତ ପରୀକ୍ଷା । ଜନତା ଦୟା ମାଗୁନାହାନ୍ତି; ନିଜ ଶ୍ରମର ଟଙ୍କାରେ ସମ୍ମାନର ସହିତ ଖାଇବାର ଅଧିକାର ମାଗୁଛନ୍ତି । ଚାଷୀ ମଧ୍ୟ ଦାନ ମାଗୁନାହାନ୍ତି; ନିଜ ଉତ୍ପାଦର ଯଥାର୍ଥ ମୂଲ୍ୟ ମାଗୁଛନ୍ତି । ତେଣୁ ନୀତିର କେନ୍ଦ୍ରରେ ରହିବା ଦରକାର ଉଭୟ—ଚାଷୀ ଓ ଉପଭୋକ୍ତା । ଏବେ ସମୟ ଆସିଛି ପ୍ରତିବର୍ଷ ଦର ବଢ଼ିଲା ପରେ ଆପାତକାଳୀନ ପଦକ୍ଷେପ ନେବା ପରିବର୍ତ୍ତେ ? ବର୍ଷସାରା ସଂରକ୍ଷଣ ଓ ଯୋଗାଣ ବ୍ୟବସ୍ଥାକୁ ମଜବୁତ କରିବାର । ଗାଁ ଗାଁରେ ବୈଜ୍ଞାନିକ ପିଆଜ ସଂରକ୍ଷଣ କେନ୍ଦ୍ର ହେଉ, ବନ୍ୟାପ୍ରବଣ ଅଞ୍ଚଳରେ ସୁରକ୍ଷିତ ଖାଦ୍ୟ ମହଜୁଦ ରହୁ, ଚାଷୀଙ୍କ ଫସଲ ଶୀଘ୍ର ବଜାରକୁ ପହଞ୍ଚୁ, ମଜୁତକାରୀଙ୍କ ଉପରେ କଠୋର ନଜର ରହୁ ଏବଂ ଉପଭୋକ୍ତାଙ୍କୁ ଯଥାସମ୍ଭବ ସୁଲଭ ଦରରେ ଆବଶ୍ୟକ ଖାଦ୍ୟ ମିଳୁ । ରୋଷେଇଘରରେ ମହଙ୍ଗାଇର ନିଆଁ ଜଳୁଥିବା ବେଳେ କେବଳ ଆଙ୍କଡ଼ା ଦେଖାଇ ଲୋକଙ୍କ ଯନ୍ତ୍ରଣାକୁ ଲୁଚାଇହେବ ନାହିଁ । ସରକାରଙ୍କ ସଫଳତା ଘୋଷଣାରେ ନୁହେଁ, ଜଣେ ଗରିବ ମା' ନିଜ ପିଲାଙ୍କ ପାଇଁ ଆବଶ୍ୟକ ଖାଦ୍ୟ କିଣିପାରୁଛନ୍ତି କି ନାହିଁ, ଜଣେ ମଧ୍ୟବିତ୍ତ ପରିବାର ମାସ ଶେଷରେ ଋଣ ନକରି ଘର ଚଳାଇପାରୁଛି କି ନାହିଁ ଏବଂ ଜଣେ ଚାଷୀ ନିଜ ଫସଲର ନ୍ୟାୟସଙ୍ଗତ ଦାମ ପାଉଛନ୍ତି କି ନାହିଁ—ସେଥିରେ ମାପିବା ଦରକାର । ପିଆଜର ଲୁହ ବନ୍ଦ କରିବାକୁ ହେବ, ଚିନିର ଦରର ଚାପ କମାଇବାକୁ ହେବ, ଚାଷୀଙ୍କ ଘାମର ମୂଲ୍ୟ ଦେବାକୁ ହେବ ଏବଂ ବନ୍ୟା ସମୟରେ ଲୋକଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ହେବ ।

# ପିଲା ଦୂରଛଡ଼ା ହେଉଛି କି ?

### ଡକ୍ଟର ସୁରେଶ କୁମାର ନାୟକ

☐ ଭଗବାନଙ୍କ ସୁନ୍ଦର ପୃଥିବୀର ଅମୃତମୟ ସୃଷ୍ଟି ହେଉଛନ୍ତି ପିଲାମାନେ । ପିଲାମାନେ ଦୁନିଆକୁ ଭଲ ଭାବେ ଜାଣିବା ପୂର୍ବରୁ ବାପା-ମାଆ ଏବଂ ତାଙ୍କ ପରିବାରର ସମସ୍ତଙ୍କର ବଡ଼ ଦାୟିତ୍ୱଟି ହେଉଛି ପିଲାଟି ଯେପରି ଆଦର୍ଶ, ନୀତିନିଷ୍ଠ ଜୀବନର ସତ୍ୟ ପରାୟଣତା ଓ କର୍ମମୟ ଜୀବନ ଶୃଙ୍ଖଳିତ ହୋଇଥାଏ । ପିଲାମାନଙ୍କୁ ନିକଟତର କରିବାକୁ ହେଲେ ସେମାନଙ୍କୁ ଆଲିଙ୍ଗନ କରନ୍ତୁ । ତଦ୍ଦ୍ୱାରା ପିଲା ଆପଣଙ୍କ କଥାକୁ ଭଲ ଭାବରେ ଶୁଣିଥାଏ ।

☐ ପିଲା ସାଙ୍ଗସାଥୀଙ୍କ ସହ ଖେଳିବା ସମୟରେ କ'ଣ ହେଲା, ସ୍କୁଲରେ କ'ଣ ହେଲା, ଟିଭି ଓ ଆଖପାଖରେ କ'ଣ ଦେଖିଲା ସେ ବିଷୟରେ ଆଲୋଚନା କରନ୍ତୁ । ଏହାଦ୍ୱାରା ପିଲା ଆପଣଙ୍କ ନିକଟତର ହୋଇଥାଏ । ପିଲାର ବନ୍ଧୁମାନଙ୍କ ସହିତ ନିଜ ତରଫରୁ ମିଶିବା ପାଇଁ ଚେଷ୍ଟା କରନ୍ତୁ । ଅନ୍ୟ ମାନଙ୍କ ସାମ୍ନାରେ ପିଲାଟିକୁ ଅପମାନିତ କରନ୍ତୁ ନାହିଁ ।

☐ ସାଙ୍ଗସାଥୀଙ୍କ ସହ ଯେମିତି କଥା ହେଉଛନ୍ତି, ପିଲାଙ୍କ ସହ ସେପରି କଥା ହୁଅନ୍ତୁ ନାହିଁ । ସେମାନଙ୍କୁ 'ଆପଣ' ଓ 'ତୁମେ' ପରି ଶବ୍ଦର ପ୍ରୟୋଗ କେଉଁଠି କରାଯାଏ ତାହା ଶିଖାନ୍ତୁ । ନଚେତ୍ ପିଲା ଅଜ୍ଞତା କାରଣରୁ ବ୍ୟବହାର ଶିଖିପାରିବ ନାହିଁ । ନିଜେ ବଦରାଗୀ ଓ ଚାରିତ୍ରିକ ସ୍ଖଳନଯୁକ୍ତ ହୋଇଥିଲେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥାଏ । ସେମାନେ ସେମାନଙ୍କ ସାଙ୍ଗ ମାନଙ୍କ ସାମ୍ନାରେ ବିଭିନ୍ନ ଶରବ୍ୟ ସାମ୍ନା କରିଥାନ୍ତି । ଯାହାପାଇଁ ଅସହଜ ଓ ଅପମାନିତ ମଧ୍ୟ ହୋଇଥାନ୍ତି ।

☐ ପିଲାଙ୍କୁ ସେମାନଙ୍କ ଭଲ କାମ ପାଇଁ ପ୍ରଶଂସା କରନ୍ତୁ । ଏହା ତାଙ୍କର ଆତ୍ମବିଶ୍ୱାସ ବଢ଼ାଇଥାଏ । କଡ଼ା କଥା ପିଲାଙ୍କ ମନରେ କଷ୍ଟ ଦେଇଥାଏ ଓ ସେମାନଙ୍କ ମନରେ ବିଦ୍ରୋହ ଭାବନା ଆସିଥାଏ । ପିଲା କୌଣସି କାର୍ଯ୍ୟରେ ଆପଣଙ୍କୁ ସହଯୋଗ କରିଥିଲେ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରନ୍ତୁ ।

☐ ପିଲାଙ୍କ ନାମରେ ଏକ ସଞ୍ଚୟ ବ୍ୟବସ୍ଥା ପିଲାଟି ଦିନରୁ ହିଁ ଆରମ୍ଭ କରନ୍ତୁ । ଝିଅ ହୋଇଥିଲେ କନ୍ୟା ସମୃଦ୍ଧି ଯୋଜନା ନିଶ୍ଚୟ । ଅର୍ଥ ଅପଚୟ ନକରନ୍ତୁ ବରଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଏହାର ପ୍ରଭାବ ପିଲାଟି ଭିତରେ ଏକ ଛୋଟ ବୀଜ ପରି ଶୈକ୍ଷିକ ସମୟରୁ ହିଁ ଆରମ୍ଭ ହୋଇଥାଏ । ବେଳେ ବେଳେ ସମୟ କାଢ଼ି ପିଲାମାନଙ୍କୁ ବିଜ୍ଞାନଭିତ୍ତିକ, ଶିକ୍ଷା ଓ ଆଧ୍ୟାତ୍ମିକ ସମ୍ପନ୍ନ ସ୍ଥାନ ଭ୍ରମଣ ପାଇଁ ନିଅନ୍ତୁ । ପିଲାର ପ୍ରତିଦିନର ପାଠପଢ଼ା ଏବଂ ଟ୍ୟୁସନ ଯାଉଥିଲେ ତାର ବିଷୟ ସମ୍ପର୍କରେ ନିଜେ ତା ସହିତ କଥା ହୁଅନ୍ତୁ । ସେ ଅନୁଭବ କରୁ ଯେ, ତା ପାଠପଢ଼ା ପାଇଁ ବାପା କେବଳ ରୋଜଗାର କରି ପଇସା ଦେଉନାହାନ୍ତି ବରଂ ବନ୍ଧୁ ଭାବେ ସହଯୋଗୀ ହୋଇ ତା ପାଠପଢ଼ା ପାଇଁ ଜଣେ ସହାୟକ ମଧ୍ୟ ହୋଇପାରିଛନ୍ତି ।

☐ ପରିବାରର ବିଶେଷକରି ବାପା-ମାଆଙ୍କର ବା କୌଣସି ଗୁରୁତ୍ୱପୂର୍ଣ୍ଣ ବନ୍ଧୁବାନ୍ଧବଙ୍କର ଅକାଳ ମୃତ୍ୟୁ ଏବଂ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ପିଲାମାନଙ୍କର ମାନସିକତା ଉପରେ ବହୁତ ଭାବରେ ପ୍ରଭାବ ପକାଇଥାଏ । ଅନେକ ମେଧାବୀ ଅଥଚ ବଣମଲ୍ଲୀ ପରି ବଣରେ ତାଙ୍କ ପ୍ରତିଭା ଏକ ପ୍ରକାର ଅଲୋଡ଼ା, ଔଜଲ୍ୟହୀନ ହୋଇଯାଇଛି । ଅନେକ ଉଦାହରଣ ମଧ୍ୟ ରହିଛି ଦାରିଦ୍ର୍ୟର ପେଟ ସଂଘର୍ଷ ଭିତରେ ଅନେକ ପିଲା ରାଷ୍ଟ୍ରନାୟକ, ମହାମାନବର ପଦବୀ ପାଇଛନ୍ତି । ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କାଲାମଙ୍କର ଉଦାହରଣ ନିଆଯାଇପାରେ ।

☐ ପିଲାଙ୍କର କୌଣସି ସାଙ୍ଗସାଥିଙ୍କର ବିଶେଷକରି ଦୁର୍ଘଟଣା ବା ଅର୍ଥାଭାବ ସମସ୍ୟା ଶୁଣିଲେ ନିଜ ସାଧ୍ୟମତେ କିଛି ସହଯୋଗ କରନ୍ତୁ ଏହା କେବଳ ପିଲାଟିର ବନ୍ଧୁ ସହିତ ସମ୍ପର୍କକୁ ଆହୁରି ଦୃଢ଼ିଭୂତ କରିନଥାଏ ବରଂ କିଛି ସହାୟତା ଭଗବାନଙ୍କ ଦ୍ୱାର ପାଇଁ କିଛି ପୁଷ୍ପାଞ୍ଜଳି ପରି ହୋଇପାରନ୍ତା । ଏ ଦୁନିଆରେ ଜନକଲ୍ୟାଣରେ ନିଜର ସାମର୍ଥ୍ୟ ଓ ସହଯୋଗ ପିଲାଟି ଉପରେ ଅନେକ ପ୍ରଭାବ ପକାଇଥାଏ । ତାର ଜୀବନକୁ ଆହୁରି ସାଧୁପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ କରିପାରିବ ।

☐ ପିଲା ଯେତେ ବଡ଼ ହେଲେ ମଧ୍ୟ ବାପମାଆଙ୍କ ସ୍ନେହ ଆବଶ୍ୟକ କରେ । ତେଣୁ ସେମାନଙ୍କୁ ଆପଣ ଖୁବ୍ ଭଲ ପାଆନ୍ତି ବୋଲି ଜାଣନ୍ତୁ । ସେମାନଙ୍କ ସହିତ କଥା ହେବା ସମୟରେ ଆପଣଙ୍କ ଧ୍ୟାନ ସେମାନଙ୍କ ଉପରେ ରହିବା ଉଚିତ । ବାପା-ମାଆଙ୍କ ଭିତରେ ମତାନ୍ତର ମନାନ୍ତର ଗଭୀର ଭାବେ ପିଲାର କଅଁଳ ମନ ଉପରେ ପଡ଼ିଥାଏ ତେଣୁ ଏ ଦିଗକୁ ଅତି ସାବଧାନତାର ସହିତ ନିର୍ବାହ କରିବା କଥା । ପିଲାଟି ଆପଣଙ୍କୁ ଏକ ନିର୍ମଳତମ ଈଶ୍ୱର ସମର୍ପିତ ଜୀବନରେ ଦେଖୁ । ଦେଖିବେ ତା ଜୀବନଟି ନୀତିପୂର୍ଣ୍ଣ, ସମାଜ ଉପଯୋଗୀ, ଆଦର୍ଶଣୀୟ ଓ ପ୍ରଶାନ୍ତିମୟ ତଥା ମାନବୀୟ ମୂଲ୍ୟବୋଧପୂର୍ଣ୍ଣ ହୋଇପାରିବ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨
E-mail : s271169@gmail.com

# ଜୀବନର ଜଳଛବି ଆଉ ରାୟପୁରର 'ରାଜନୀଷ କୁତ୍ରା'

### ସୁଶାନ୍ତ କୁମାର ଭୂୟାଁ

ଗତ ଜୁଲାଇ ୨୬ ତାରିଖ ଓ ରବିବାର ଦିନ ମଧ୍ୟରାତ୍ରରେ ମହାରାଷ୍ଟ୍ରର ନାଗପୁର ଛୁଇଁ 'ଭିଲାଇ' ପଟେ ରାୟପୁର 'ସହରରେ ପହଞ୍ଚିବା ବେଳକୁ ଉଭୟ ଖରାବେଳ କିନ୍ତୁ ବର୍ଷା ପ୍ରବଳ । ପ୍ରଥମେ କିଛି ଭଜା ବାଦାମ ଯାହା ପାଟିରେ ପକାଇଲୁ । ଅତ୍ୟନ୍ତ ଦକ୍ଷ ଓ ନିଷ୍ଠାପର ଡ୍ରାଇଭର 'ଶେଷ ଦେବ' ବହୁତ ଆଡ଼େ ବୁଲାଇଲେ କିନ୍ତୁ ଆମେ ସେତେବେଳେ ପ୍ରଚଣ୍ଡ ବର୍ଷା ରାସ୍ତାଘାଟକୁ ଜଳାର୍ଣ୍ଣବ କରିଦେଇଥିଲା । ରାୟପୁରର ସବୁଠାରୁ ବଡ଼ ସପିଂ ସେଣ୍ଟର 'ଅମ୍ବୁଜା ସିଟି ସେଣ୍ଟର' ବୁଲି ଯାଇଥିଲୁ । ଏହି ବାହାନାରେ ଅନ୍ତତଃ କିଛି ସମୟ କାଟିବାକୁ । ଆମ ଦେଖାରେ ଏତେ ବଡ଼ ଅଟ୍ଟାଳିକା ବିଶିଷ୍ଟ ପ୍ରାୟ ସବୁ ଜିନିଷ ମିଳୁଥିବା ଭାରତର ବୋଧେ ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ସପିଂ ସେଣ୍ଟର ହେବ । ଏକ୍ସେଲେଟରରେ ତୃତୀୟ ମହଲାରେ ପହଞ୍ଚିଲା ବେଳକୁ ଦୁଇ ଛୁଆଙ୍କ ପାଇଁ ଚକୋଲେଟ ସେକ୍ସନରେ ଯେଉଁ ସେଲର ଭାଇଙ୍କୁ ପାଇଥିଲୁ ସେ ହେଉଛନ୍ତି 'ରାଜନୀଷ କୁତ୍ରା' । ରାୟପୁରଠୁ ଚାଳିଶ କିଲୋମିଟର ଦୂର ଗାଁ 'ଭାଟପଡ଼ା'ରୁ ଆସନ୍ତି ତାହା ପୁଣି ବସରେ କାରଣ ଗାଡ଼ି ଖଣ୍ଡିଏ କିଣିବାକୁ ସମ୍ବଳ ବି ନାହିଁ । ଏଇଠୁ ସେ ଯାହା ପାଆନ୍ତି ପାଞ୍ଚପ୍ରାଣୀ ଚଳନ୍ତି ସେଥିରେ । ନିଜେ ମାଟ୍ରିକରେ ରାଜ୍ୟସ୍ତରୀୟ ତାଲିକାରେ ସ୍ଥାନିତ ହୋଇଥିଲେ ହେଲେ ଅଚନାକ ଡକାଡକି ହୋଇ ଦୁଇଟି ଦୁଇଟି ଦୁର୍ଘଟଣାରେ ବାପା ଓ ମାଆଙ୍କର ଅକାଳ ପରଲୋକ ହୋଇଗଲା । ଏପଟେ ଘରେ ପକ୍ଷାଘାତ ରୋଗରେ ୯୪ ବର୍ଷର ଜେଜ । ଘରର ବଡ଼ ପୁଅ ହିସାବରେ ସେମାନଙ୍କ ପେଟ ପୂରେଇବା ପାଇଁ ଆଉ ନିଜେ ବଞ୍ଚିବା ପାଇଁ ଜୀବନର କୋଳାହଳପୂର୍ଣ୍ଣ ଭିଡ଼ ଭିତରେ ସାମିଲ ହେଲେ ।

ଏକ ଭଲ ଘଟଣାଟି ସେ ମନେ ପକାଇକୁହନ୍ତି । ଜଣେ ବାବୁ ଦେଇଥିବା ଛୋଟିଆ ଟଙ୍କା ପାଇଁ ଆଧାର କାର୍ଡ଼ ସତ୍ତ୍ୱେ ଅର୍ଥ ଉଠାଇବାର ସୁଯୋଗ ଦେଇନଥିଲେ । ହେଲେ ସେ ମାଟ୍ରିକରେ ପ୍ରଥମ ଦଶ ଜଣଙ୍କ ଭିତରେ ଥିବାର ପ୍ରମାଣ ପତ୍ର ଦେଖାଇବା ପରେ ବ୍ୟାଙ୍କର ମ୍ୟାନେଜର କେବଳ ତାଙ୍କ ଟଙ୍କା ଉଠାଣର ବ୍ୟବସ୍ଥା କରିନଥିଲେ ବରଂ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇ ଦଶହଜାର ଟଙ୍କା ସହାୟତା ଦେଇଥିଲେ । ସେହାକୁ ଧରି ସର୍ବ ପ୍ରଥମେ ସାଇକେଲରେ ଆଖପାଖ ଗାଁରେ ଆଇସକ୍ରିମ ବିକିଲେ କିନ୍ତୁ ବନ୍ଧୁବର୍ଗ ସହାୟତା କରିବା ଅବସ୍ଥାରେ ବି ନଥିଲେ । ତାଙ୍କର ସମସ୍ତ ବନ୍ଧୁବାନ୍ଧବ ଅତ୍ୟନ୍ତ ଗରିବ । ସାନ ଦୁଇଭାଇ ଓ ଭଉଣୀଙ୍କୁ ପାଠପଢ଼ାଇ ମଣିଷ କରିବା ପାଇଁ ଜୀବନକୁ ବାଜି ଲଗାଇ ଦେଲେ । ଆଇସକ୍ରିମରେ ବେପାର ବୁଡ଼ିବାକୁ ବସିଲା । ମୁଣ୍ଡରେ ଚଡ଼କ ପଡ଼ିଲା କ'ଣ କରିବି ? ଏପରିକି ହୋଟେଲରେ ଅଇଁଠା ବାସନ ମାଜିଛି ଯାହାର ପ୍ରତିବଦଳରେ ଘରର ଜେଜ ଓ ତିନି ଭାଇଭଉଣୀଙ୍କ ପେଟ ପୁରି ପାରିବ । ହୋଟେଲର ମ୍ୟାନେଜର ଏକଦା ଇଂଲିଶରେ ଅତି ସ୍ପଷ୍ଟ ଭାବେ କାହା ସହିତ କଥା ହେଉଥିବାର ସେ ପଛୁଆ ଶୁଣିଦେଲେ । ବଣ ମଲ୍ଲୀର ବାସ ଚହଟିଲା । କାଶ୍ୟପ ପଟ୍ଟବର୍ଦ୍ଧନ ନାମକ ହୋଟେଲ ମ୍ୟାନେଜର ତାଙ୍କୁ କିରାଣୀ ଚାକିରୀକୁ ପରଦିନ ହିଁ ପଦୋନ୍ନତି ଦେଇଦେଲେ । କଥାରେ ନାହିଁ ସୁଖ ଓ ଦୁଃଖ ଜୀବନ ମୁଦ୍ରାର ଦୁଇଟି ପାର୍ଶ୍ୱ । ଚାକିରୀଟି ପାଇ ଅନ୍ତତଃ ଘର ଚଳାଇବାକୁ ସମର୍ଥ ହୋଇଥିବା ରାଜନୀଷ କୁତ୍ରା ନିଜେ ଏକ ସଡ଼କ ଦୁର୍ଘଟଣାର ସାମ୍ନା ହେଲେ । ମାସାଧିକ କାଳ ଶଯ୍ୟାଶାୟୀ ହେବା ଭିତରେ କିନ୍ତୁ ଅତ୍ୟନ୍ତ ବିବେକବାନ ହୋଟେଲ ମ୍ୟାନେଜର ତାଙ୍କୁ ଅଧା ଦରମା ତାଙ୍କ ଘରକୁ ପଠାଇ ଦେଉଥିଲେ ।

କଷ୍ଟ କିନ୍ତୁ ସରି ନଥିଲା । ଜୀବନ ଯୁଦ୍ଧର ଘୋଷଡ଼ା ତାଙ୍କ ପାଇଁ ଆହୁରି କାଳର କ୍ରୁର ଚେହେରା ଭିତରେ ଅପେକ୍ଷାରେ ହିଁ ଥିଲା । ରୋଷେଇ ଘରେ ଏକଦା ମଧ୍ୟରାତ୍ରରେ କିଏ ଜଣେ ଖାଦ୍ୟ ରାନ୍ଧୁଥିବାର ସେ ଜାଣିଲେ । ଉଠିବାର ଜୁ ନଥିଲେ ବି ଘୁଷୁରି ଘୁଷୁରି ସେ ଯାହା ଦେଖିଲେ ସ୍ତବ୍ଧ ହୋଇଗଲେ । ଏହା ଭିତରେ ନିୟମିତ ଦୁଇମାସ ଧରି ମୁହଁ ଅନ୍ଧାରବେଳୁ ତାଙ୍କ ପରିବାରର ସାନ ଭଉଣୀ ଅବନ୍ତୀକା ଯେ କି ବିଦ୍ୟାଳୟର ପ୍ରଥମ ଏବଂ ବୃତ୍ତି ମଧ୍ୟ ପାଇଥିଲା । ସେ କିଛି ରୁଟି ଓ ତରକାରୀ କରି ନିର୍ଦ୍ଦିଷ୍ଟ ଘରେ ସକାଳ ଟିଫିନରେ ପହଞ୍ଚାଇ ଦିଏ । ଏପରିକି ଜଣ ଜଣଙ୍କ ଘରେ ବାସନ ମଧ୍ୟ ମାଜି ଦିଏ, ଘର ଓଳାଇ ଦିଏ । ଅନ୍ତତଃ ଆଉ ଦୁଇପଇସା ପରିବାର ପାଇଁ ମିଶି ପାରିବ ତ । ଦୁଇ ଭାଇ କିଛି ଦିନ ବିଦ୍ୟାଳୟ ଆଉ ଯାଇପାରିଲେ ନାହିଁ । ଜେଜଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ଭାରାକ୍ରାନ୍ତ କରିଦେଉଥିଲା ପରିବାରର ଖର୍ଚ୍ଚ ତାଲିକାରେ । ଦୁଇ ଭାଇ ଯେଉଁମାନେ ବିଜ୍ଞାନ ଶ୍ରେଣୀର ଅତ୍ୟନ୍ତ ମେଧାବୀ ଛାତ୍ର କଲମ ବଦଳରେ ରେଞ୍ଚ ହାତୁଡ଼ି ଧରିଲେ । ପରିଚୟ ହେଲା 'ବ୍ରଜନ' ଓ 'ରଞ୍ଜନ' ଗାଡ଼ି ମେକାନିକ ଭାବରେ ।

ଥରେ ମେଡ଼ିକାଲରୁ ଅଟୋଭଡ଼ା କରି ଫେରୁଥିବାବେଳେ ବାଟରେ ଏକ ଅଜଣା ବ୍ୟକ୍ତିଙ୍କର ସୁଟକେସ ପାଇଥିଲେ । ତାହାଥିଲା ରାୟପୁରର ସବୁଠାରୁ ବଡ଼ ସପିଂ ଉଦ୍ୟୋଗ କୁହାଯାଉଥିବା 'ଅମ୍ବୁଜା ସିଟି ସେଣ୍ଟର'ର ଅନ୍ୟତମ ସହଉଦ୍ୟୋଗୀ ଚେତନା ମଜୁମଦାର । ଏପଟେ ରାଜନୀଷ ଅଟୋ ଖୋଲିଲା ବେଳକୁ ବିପୁଳ ନୋଟ ଓ ଦାମୀ ଡାଇମଣ୍ଡ ତାହା ସହିତ କିଛି କୋର୍ଟର କାଗଜପତ୍ର । ସ୍ଥାନୀୟ 'ଗିରିଡଙ୍ଗା' ଥାନାରେ ନିଜ ତରଫରୁ ସୁଟକେସ ଦେଲାପରେ ମଜୁମଦାର ବାବୁଙ୍କୁ ଯୋଗାଯୋଗ କରାଯାଇଥିଲା । ନିଜ ଜୀବନର ଏକ ସାଧୁତାପୂର୍ଣ୍ଣ ନିଷ୍ଠାପର ଓ ସ୍ୱାଭିମାନର ଚେତନା ପାଇଁ ଏକଦା ଯେଉଁ ବ୍ୟାଙ୍କ ମ୍ୟାନେଜର ବାବୁ ତାଙ୍କ ଅଜଣା ଅଥଚ ଅମୂଳମୂଳକୁ ଜାଣିବାକୁ ପାଇଥିଲେ । ଠିକ ସେହିପରି ଏତେ ବଡ଼ ସମ୍ପତ୍ତି ପାଇ ମଧ୍ୟ ସାମାନ୍ୟତମ ଲୋଭଗ୍ରସ୍ତ ନହୋଇ ବରଂ ପୋଲିସ ପ୍ରଶାସନକୁ ଜଣାଇ ଥିବାରୁ ମଜୁମଦାର ବାବୁ ତାଙ୍କ ନିଜ ଗାଡ଼ିରେ ତାଙ୍କ ଘରକୁ ନେଇଥିଲେ । ତାଙ୍କ ପରିବାରର ସବୁ କିଛି ଜାଣିବା ପରେ ତାଙ୍କୁ ଏହିଠି ହିଁ ଚାକିରୀ ଦେଇଥିଲେ କେବଳ ସେତିକି ନୁହେଁ ଦୁଇଭାଇ ରେଞ୍ଚ ଧରୁଥିବା ମେକାନିକର ଲୁହା ବୋଝର ଜୀବନରୁ ମୁକ୍ତି ପାଇ ପୁଣି କଲେଜ ଯାଇଥିଲେ । ସାନ ଭଉଣୀର ପାଠପଢ଼ା ଖର୍ଚ୍ଚ ଓ ଜେଜଙ୍କ ଚିକିତ୍ସା ଦାୟିତ୍ୱ ମଧ୍ୟ ତୁରନ୍ତ ନେଇଥିଲେ ।

ସେ ଦିନ ସପରିବାର ସହ ବର୍ଷା ଭିତରେ ଏତେ ବଡ଼ ମଲରେ କିଛିଟା ମାତ୍ର କିଣି ପରିବାରର ଖୁସି ସହିତ ଢ଼େର ଖୁସି ମୁଁ ମଧ୍ୟ ପାଇଥିଲି । ଗାଡ଼ି ଆମର ଛୁଟିଥିଲା ସୀମାନ୍ତ ଛତିଶଗଡ଼ ଅତିକ୍ରମ କରି ସମ୍ବଲପୁର ଦିଗରେ । ବାଟରେ କିନ୍ତୁ ଭାରି ମନେ ପଡୁଥିଲେ ରାଜନୀଷ କୁତ୍ରା । ତାଙ୍କ ଭଉଣୀ ଆଜି ମେଡ଼ିକାଲରେ ପଢୁଛି, ଦୁଇ ଭାଇ ମଧ୍ୟ ଷ୍ଟାଇପେଣ୍ଡ ପାଇ ଉଚ୍ଚତର ଶିକ୍ଷା ପଢ଼ି ପାରୁଛନ୍ତି । ଦୁନିଆର ତମାମ ଝଡ଼ ଭିତରେ କୋଟି କୋଟି ଟଙ୍କାର ପର ସମ୍ପତ୍ତିକୁ ଅଭାବର ଲୁହ ଓ କୋହ ଭିତରେ ଲଢୁଥିବା ଏପରିବି ମଣିଷ ଅଛନ୍ତି । ଆଉ ସେମାନଙ୍କ ଜୀବନର ଏପରି ନିର୍ଲୋଭତା, ସାଧୁତା, ନିଷ୍ଠାପରତାକୁ ବଣିଆ ମଣି ଚିହ୍ନିଲା ପରି ତାଙ୍କ ପ୍ରତିଭା ବୁଝିଛନ୍ତି ଗାଡ଼ି କେତେବେଳେ ପହଞ୍ଚିଛି 'ଛତିଶଗଡ଼'ର ସୀମାନ୍ତ ଆମେ ଯେଉଁଠି ପହଞ୍ଚିବୁ 'ଗଡ଼ଦୋ' ଚା ପିଇ ପିଲାମାନେ ଆଉ ଡ୍ରାଇଭର ଜଳଖିଆ ବେଳେ ଝିଅ ଚକୋଲେଟ କିଣିବା ପାଇଁ କହିଲାବେଳେ ରାୟପୁର ଅମ୍ବୁଜା ସିଟି ସେଣ୍ଟରର ଚକୋଲେଟ ସେଣ୍ଟର ରାଜନୀଷ କୁତ୍ରା ପୁଣି ଚାଲିଆସିଲେ ମୋ ଭିତରକୁ । ଜୀବନଟା ଯେ ସୁଖଦୁଃଖକୁ ନେଇ ନୁହେଁ ତାହା ତ ନୁହଁ କିନ୍ତୁ ନୀତି ନୈତିକତା, ଚରିତ୍ରବତା ଯେ ଜୀବନର ସବୁଠାରୁ ମୂଳ ପୁଞ୍ଜି ସେହି ଶିକ୍ଷା ପାଇଥିବା ରାଜନୀଷ କୁତ୍ରାଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରଣାମ ଜଣାଉଛି । ଗାଡ଼ି ଛୁଟିଥିଲା ଅନ୍ଧାରର ଛାତି ଚିରି ସମ୍ବଲପୁର ମୁହାଁ । ବର୍ଷା କିନ୍ତୁ ପ୍ରବଳ ବର୍ଷୁଥାଏ । ରାଜନୀଷଙ୍କ ପ୍ରତି ଭଗବାନଙ୍କର କୃପା ବର୍ଷୁ ଏହି ଛୋଟିଆ ପ୍ରାର୍ଥନାଟି କରୁଥିବାବେଳେ କେତେବେଳେ ଆଖିରୁ ଯେ ଲୁହ ଗଡ଼ି ଆସିଛି ମୁଁ କିନ୍ତୁ ଜାଣେନା..... ସଜଳ ଆଖି ସାମ୍ନାରେ ସତେଯେପରି ସେ ଥିଲେ ମୋ ପାଇଁ ହୋଇପାରେ ସାମ୍ବାଦିକତା ବୃତ୍ତି କ୍ଷେତ୍ରରେ 'ବ୍ରେକିଂ ଷ୍ଟୋରୀ' କିନ୍ତୁ ଜୀବନର ଦର୍ପଣରେ ଏପରି ଅନେକ ପରିଷ୍କାର ସାଧୁ ଆଇନା ରହିଛନ୍ତି ଏହିମାନେ ତ ସମାଜର ସମ୍ପତ୍ତି । ଏହି ମାନଙ୍କର ଜୀବନ ସମସ୍ତଙ୍କ ନିଶ୍ଚିନ୍ତ ଶିକ୍ଷଣୀୟ ରାଜନୀଷ କୁତ୍ରାଙ୍କ ଜୀବନ ଏହି ବାର୍ତ୍ତାଟି ଦେଲାବେଳେ ବର୍ଷା କମିଗଲାଣି । ଚା'ଦୋକାନ ସନ୍ଧାନ ତଲାସରେ ମୁଁ ଥିଲି ସେତେବେଳକୁ ରାତି ୨.୪୫ ସମ୍ବଲପୁର ପହଞ୍ଚିବାକୁ ଆଉ ଥିଲା ମାତ୍ର ବାଟ ସାତକିଲୋମିଟର ।

'ସାଇ ବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୮୫୮୧୭୦୭ / ୯୯୩୭୫୮୧୭୦୭

# ବନ୍ୟା ପରବର୍ତ୍ତୀ ପରିଚାଳନା ଅଧିକ ଗୁରୁତ୍ୱପୂର୍ଣ୍ଣ

### ଡ଼ଃ. ଅରୁନ୍ଧତୀ ଦେବୀ

ନେପାଳରେ ଅକଳ୍ପନୀୟ ଅଭାବନୀୟ ଜଳ ପ୍ରଳୟ ଧ୍ୱଂସର ଲୀଳା ସୃଷ୍ଟି କରିଛି । ତେବେ ଦ୍ୱିତୀୟ କ୍ଷେତ୍ରରେ ଭୂକମ୍ପର ହିମସ୍ଖଳନ ପ୍ରଳୟଙ୍କାରୀ ବନ୍ୟା ଧ୍ୱଂସର ଲୀଳା ଖେଳାଇ ଦେଇଛି । ଓଡ଼ିଶାରେ ଏବେ ବର୍ଷା ଓ ଏହାର ବିପତ୍ତିକୁ ନେଇ ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇସାରିଛନ୍ତି । ଲଗାତର ବନ୍ୟାର ଧ୍ୱଂସ ଲୀଳା ଓଡ଼ିଶାର ଜୀବନ ଜୀବିକା ଚଷାପୁଅଙ୍କ ଅଣ୍ଟା ଭାଙ୍ଗି ଦେଉଛି । ଚଳିତ ବନ୍ୟାରେ ସାତଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି । ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପର ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର ଓ ସୁବର୍ଣ୍ଣପୁର ସମେତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା କାରଣରୁ ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସାଳନ୍ଦୀ ପ୍ରଭୃତି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ଗାଁ ଗଣ୍ଡା ଠାରୁ ଆରମ୍ଭ କରି ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଅନୁସାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ଏସବୁ ଜିଲ୍ଲାର ୧୦୦ଟି ବ୍ଲକର ୫୩୯ଟି ପଞ୍ଚାୟତର ୧୪୫୮ ଗାଁର ୭୦୫୨୩୨ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ଏ ସବୁ ଅଞ୍ଚଳରେ ଘର ଏବଂ ରାସ୍ତାଘାଟ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇଛି, ଜନଜୀବନ ବିପର୍ଯ୍ୟୟ ହୋଇପଡ଼ିଛି । ମହାନଦୀ ଏବଂ ଏହାର ପ୍ରମୁଖ ଶାଖା ନଦୀ କାଠଯୋଡ଼ି ଫୁଲିବାରେ ଲାଗିଛି । ମୁଣ୍ଡଳି ଏବଂ ନରାଜ ଠାରେ ରାତି ସୁଦ୍ଧା ବିପଦ ସଂକେତ ଟପିବା ଆଶା କରାଯାଉଛି । ଅନ୍ୟପଟେ ଛତିଶଗଡ଼ରୁ ମଧ୍ୟ ଅତ୍ୟଧିକ ପାଣି ମହାନଦୀରେ ପ୍ରବାହିତ ହେଉଛି । ଛତିଶଗଡ଼ର ୧୦ଟି ଜିଲ୍ଲାରେ ହୋଇଥିବା ଭୀଷଣ ବର୍ଷା ଯୋଗୁ ସମସ୍ତ ଉପନଦୀ ଏବେ ମହାନଦୀକୁ ପ୍ଲାବିତ କରିବାରେ ଲାଗିଛି । ଛତିଶଗଡ଼ କଲମା ବ୍ୟାରେଜର ଦୁଇଟି ଅଚଳ ଗେଟକୁ ଛାଡ଼ିଦେଲେ ଅବଶିଷ୍ଟ ୬୪ଟି ଗେଟ ଖୋଲା ରଖିଛି । ଏହା ସତ୍ତ୍ୱେ ମଧ୍ୟ ସେଠାରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି ଜଳ । ତେଣୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ପୁରାପୁରି ଟଳିନି ବୋଲି ଆଶା କରାଯାଏ । ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ବନ୍ୟା ପରବର୍ତ୍ତୀ ସ୍ଥିତିକୁ ପରିଚାଳନା କରିବା । ବନ୍ୟା ସମୟର ସ୍ଥିତି ଅପେକ୍ଷା ବନ୍ୟା ପରେ ପରେ ଯେଉଁସବୁ ସମସ୍ୟା ସୃଷ୍ଟି ହୁଏ ସେ ସବୁର ମୁକାବିଲା କରିବା ମଧ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଥାଏ । ବନ୍ୟାରେ ଘରଦ୍ୱାର ଭାଙ୍ଗିଛି, ମାଟିଘର ନିଶ୍ଚିନ୍ନ ହୋଇଛି, ରାସ୍ତାଘାଟ ଏବଂ ବଡ଼ ବଡ଼ ପୋଲ ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଛି । ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଛି, ବିଭିନ୍ନ ଜାଗାରେ ରାସ୍ତାଘାଟ ଧୋଇଯିବା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଚାଷଜମି ଜଳ ପ୍ଲାବିତ ହୋଇଛି । ଧାନଗଛ ପାଣିରେ ବୁଡ଼ି ରହିଛି । ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ଖରିଫ ଚାଷ ଉଜୁଡ଼ି ଯିବାର ସମ୍ଭାବନା ଦେଖାଦେଇଛି । ବନ୍ୟା ଛାଡ଼ିବା ପରେ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ । ଘରକୁ ଫେରିବା ପରେ ସେ ସଜଡ଼ା ଘର କ'ଣ ଆଉ ଥିବ ? ପୁଣିଥରେ ଉଜୁଡ଼ା ସଂସାରକୁ ସଜାଡ଼ିବା ପାଇଁ ସରକାରଙ୍କ ସହଯୋଗ ଦରକାର । ସରକାରଙ୍କ ତରଫରୁ କ୍ଷତିପୂରଣ କେତେ ଶୀଘ୍ର ଯୋଗାଇ ଦିଆଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ । କ୍ଷୟକ୍ଷତିର ଆକଳନ ଉପରେ ସହାୟତା ନିର୍ଭର କରେ । ଅନେକ ଜାଗାରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ନାଁରେ ଘର ଏବଂ ଜମିର ପଟ୍ଟା ନଥିବାରୁ ସେ ବ୍ୟକ୍ତିଜଣଙ୍କ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥାଏ । ଏଭଳି ସ୍ଥିତି ଖୁବ ଦୁଃଖଦାୟକ ହୋଇଥାଏ । ତେଣୁ ପ୍ରକୃତ ହିତାଧିକାରୀ କିଭଳି ତା ପ୍ରାପ୍ୟରୁ ବଞ୍ଚିତ ନହୁଏ ସେ ଦିଗକୁ ସରକାର ଏବଂ ସ୍ଥାନୀୟ ଅଧିକାରୀମାନେ ଗୁରୁତ୍ୱ ଦେବା ଦରକାର । ବନ୍ୟା ସମୟରେ କୁମ୍ଭୀରମାନେ ଖୋଲାମେଲା ବନ୍ୟାରେ ପାଣିରେ ଆସି ଆତଙ୍କ ସୃଷ୍ଟି କରୁଥିବାବେଳେ ରାଜ୍ୟରେ ଏକ ପ୍ରକାର ନିୟମିତ ସାପ କାମୁଡ଼ିବା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି ।

ବନ୍ୟା ପରର ଆଉ ଏକ ବଡ଼ ସମସ୍ୟା ହେଉଛି ପିଇବା ପାଣିର । କୂଅ, ପୋଖରୀ ଏବଂ ନଳକୂପ ଗୁଡ଼ିକର ପାଣି ପ୍ରଦୂଷିତ ହୋଇଥାଏ ବନ୍ୟାପାଣିରେ । ଏସବୁ ପାଣି ପିଇଲେ ପେଟ ରୋଗ ସହିତ ଝାଡ଼ାବାନ୍ତି ବ୍ୟାପିବାର ସମ୍ଭାବନା ଥାଏ । ତେଣୁ ବନ୍ୟାଞ୍ଚଳ ଲୋକଙ୍କୁ କିଭଳି ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇ ପାରିବ ଏ ଦିଗକୁ ମଧ୍ୟ ପ୍ରାଥମିକତା ଦିଆଯିବା ଦରକାର । ବନ୍ୟା ବିପର୍ଯ୍ୟୟ ସମସ୍ତଙ୍କ ପାଇଁ ବିଶେଷକରି ଜୀବନ ଜୀବିକାକୁ ଏକ ପ୍ରକାର ଠପ କରିଦେଇଥାଏ । ପ୍ରଶାସନିକ କ୍ଷେତ୍ର ସହ ଦାତବ୍ୟ ସଙ୍ଗଠନ ମାନଙ୍କର ସହଯୋଗ ମଧ୍ୟ ଜରୁରୀ । ସହାୟତାର ମାନବିକତାର ଆଦର୍ଶ କଷ୍ଟ ପାଉଥିବା ମଣିଷ ମାନଙ୍କ ପାଇଁ ଆରୋଗ୍ୟସମ ଅମୃତସମ ହୋଇପାରିବ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦ଛ



# ପଶ୍ଚିମବଙ୍ଗ ସରକାରୀ ହସ୍ପିଟାଲରେ ୩ ସପ୍ତାହରେ ୬୦ ଶିଶୁଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ପଶ୍ଚିମବଙ୍ଗର ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲରେ ଗୋଟିଏ ଦିନରେ ଦଶ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହି ଖବର ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଗତ ତିନି ସପ୍ତାହ ମଧ୍ୟରେ ସେହି ହସ୍ପିଟାଲରେ ୬୦ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି ବୋଲି ଜଣାପଡିଛି। ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଏହି ଘଟଣା ଘଟିଛି। ଏହି ଘଟଣା ପରେ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ହସ୍ପିଟାଲ ପ୍ରଶାସନଠାରୁ ଏହି ପ୍ରସଙ୍ଗରେ ଏକ ବିସ୍ତୃତ ରିପୋର୍ଟ ମାଗିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗୋଟିଏ ଦିନରେ ମୃତ୍ୟୁ ହୋଇଥିବା ୧୦ ଜଣ ଶିଶୁଙ୍କ ମଧ୍ୟରୁ ଆଠ ଜଣଙ୍କୁ ଅନ୍ୟ ସରକାରୀ ହସ୍ପିଟାଲ କିମ୍ବା ଘରୋଇ ନର୍ସିଂହୋମରୁ ରେଫର୍ କରାଯାଇଥିଲା। ଏହାର ଅର୍ଥ ହେଉଛି ଏହି ଶିଶୁମାନେ ସେଠାରେ ଜନ୍ମ ହୋଇଥିଲେ। ଶିଶୁମାନଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ କଲେଜକୁ ଅଣାଯାଇଥିଲା। ରିପୋର୍ଟ ଅନୁଯାୟୀ, ସେମାନେ ଶ୍ୱାସକ୍ରିୟା ସମସ୍ୟା, ଜଣ୍ଡିସ୍ ଏବଂ ହୃଦ୍ ସମସ୍ୟାରେ ପୀଡିତ ଥିଲେ। ହସ୍ପିଟାଲ ଏହି ମୃତ୍ୟୁଗୁଡ଼ିକୁ ସ୍ୱୀକାର କରିଛି। ହସ୍ପିଟାଲ କହିଛି ଯେ, ସ୍ୱାସ୍ଥ୍ୟ ଭବନକୁ ଏକ ପ୍ରାଥମିକ ରିପୋର୍ଟ ଦାଖଲ ହୋଇସାରିଛି। ଖୁବ୍ ଶୀଘ୍ର ଏକ ବିସ୍ତୃତ ରିପୋର୍ଟ ପଠାଯିବ।ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ଅଗଷ୍ଟ ୨୦୨୬ ର ପ୍ରଥମ ତିନି ସପ୍ତାହ ମଧ୍ୟରେ ମାଲଦା ମେଡିକାଲ କଲେଜରେ ୬୦ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ଅନ୍ୟ ହସ୍ପିଟାଲ ଓ ନର୍ସିଂହୋମରୁ ଗୁରୁତର ଅବସ୍ଥାରେ ରେଫର୍ କରାଯାଇଥିଲା। ୧୬ ଜଣ ମାଲଦା ମେଡିକାଲ କଲେଜରେ ଜନ୍ମ ହୋଇଥିଲେ। ଏଥିରେ ଗୋଟିଏ ଦିନରେ ମୃତ୍ୟୁ ହୋଇଥିବା ୧୦ ଜଣ ଶିଶୁ ଅନ୍ତର୍ଭୁକ୍ତ। ତଦନ୍ତର ଅଂଶ ସ୍ୱରୂପ ଅଧିକାରୀମାନେ ଏପର୍ଯ୍ୟନ୍ତ ୧୬ଟି ହସ୍ପିଟାଲ ଓ ନର୍ସିଂହୋମ ଯାଞ୍ଚ କରିଛନ୍ତି। ମାଲଦା ଜିଲ୍ଲା ମାଜିଷ୍ଟ୍ରେଟ ଗୁରୁବାର ଏକ ବୈଠକ କରି ପରିସ୍ଥିତି ସମୀକ୍ଷା କରିବେ ଓ ଚାଲିଥିବା ତଦନ୍ତର ନିଷ୍କର୍ଷ ଉପରେ ଆଲୋଚନା କରିବେ।




# ତିବ୍ବତରେ ୮୦ ଜଣ ଈଶା ଫାଉଣ୍ଡେସନ ଭକ୍ତ ନିଖୋଜ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ତିବ୍ବତର ଗ୍ୟାରୋଙ୍ଗରେ ଆସିଥିବା ଭୟଙ୍କର ବନ୍ୟାରେ ସଦ୍‌ଗୁରୁ ଜାଗି ବାସୁଦେବଙ୍କ କୈଳାସ ଯାତ୍ରା ଦଳର ଅଶୀ ଜଣ ତୀର୍ଥଯାତ୍ରୀ ନିଖୋଜ ହୋଇଯାଇଛନ୍ତି। ସଦ୍‌ଗୁରୁ ଚୀନ୍ ସରକାରଙ୍କଠାରୁ ସେହି ସ୍ଥାନ ପରିଦର୍ଶନ କରିବା ଓ ସନ୍ଧାନରେ ସହାୟତା କରିବା ପାଇଁ ଅନୁମତି ମାଗିଛନ୍ତି। ନିଖୋଜଙ୍କ ମଧ୍ୟରେ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ବ୍ରିଟେନ ଓ ଜର୍ମାନୀର ନାଗରିକ ଅଛନ୍ତି।ଗୁରୁବାର ସଦଗୁରୁ ଜାଗି ବାସୁଦେବ ଚୀନ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ତାଙ୍କୁ ଓ ତାଙ୍କ ଦଳର କିଛି ସ୍ୱେଚ୍ଛାସେବକଙ୍କୁ ତିବ୍ବତୀୟ ସହର ଗ୍ୟାରୋଙ୍ଗକୁ ଯାତ୍ରା କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ବୁଧବାର ଦିନ ନେପାଳ ସୀମାନ୍ତବର୍ତ୍ତୀ ସହରରେ ଆସିଥିବା ବଡ଼ ବନ୍ୟାରେ ତାଙ୍କ ଦଳର ଅଶୀ ଜଣ ତୀର୍ଥଯାତ୍ରୀ ନିଖୋଜ ହୋଇଯାଇଥିଲେ। ତୀର୍ଥଯାତ୍ରୀମାନେ କୈଳାସ ଯାତ୍ରାରୁ ଫେରୁଥିଲେ ଓ ଏକ ଇମିଗ୍ରେସନ କେନ୍ଦ୍ରରେ ରହୁଥିଲେ। ହଠାତ୍ ପାଣି କୋଠା ଭିତରକୁ ପ୍ରବେଶ କରିଥିଲା। ତେବେ ବନ୍ୟା ବିଷୟରେ ତାଙ୍କ ପାଖରେ କୌଣସି ବିଶେଷ ସୂଚନା ନାହିଁ।ଅଧିକାରୀମାନଙ୍କୁ ଲେଖିଥିବା ଚିଠିରେ ସଦଗୁରୁ ଉଲ୍ଲେଖ କରିଛନ୍ତି ଯେ, ସେ ଓ ନିଖୋଜ ବ୍ୟକ୍ତିଙ୍କ ପରିବାର ଖୋଜାଖୋଜି କାର୍ଯ୍ୟରେ ସହାୟତା କରିବା ପାଇଁ ଗ୍ୟାରୋଙ୍ଗ ଯାତ୍ରା କରିବାକୁ ଚାହୁଁଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ଉଦ୍ଧାର ଦଳର କାର୍ଯ୍ୟରେ କୌଣସି ପ୍ରକାରେ ବାଧା ସୃଷ୍ଟି କରିବ ନାହିଁ, ବରଂ ସେ କେବଳ ପରିବାରଗୁଡ଼ିକୁ ଖୋଜିବାରେ ସାହାଯ୍ୟ କରିବାକୁ ଚାହୁଁଥିଲେ। ସଦଗୁରୁ ବର୍ତ୍ତମାନ ସାକାରେ ଅଛନ୍ତି ଓ ସେଠାରୁ ଗ୍ୟାରୋଙ୍ଗ ଯାତ୍ରା କରିବାକୁ ଅନୁମତି ମାଗିଛନ୍ତି। ସଦ୍‌ଗୁରୁ ସାମାଜିକ ଗଣମାଧ୍ୟମରେ ଏକ ଭାବନାତ୍ମକ ଭିଡିଓ ପୋଷ୍ଟ କରିଛନ୍ତି, ସେ ନିଖୋଜଙ୍କ ତାଲିକା ପଢିବାବେଳେ ଅତ୍ୟଧିକ ଭାବବିହ୍ୱଳ ହୋଇଯାଇଥିଲେ। ସେ କହିଥିଲେ ଯେ, ୨୨ ଜଣ ଆମେରିକା, ୧୨ ଜଣ କାନାଡା, ୧୧ ଜଣ ଅଷ୍ଟ୍ରେଲିଆ, ୯ ଜଣ ବ୍ରିଟେନ ଓ ୪ ଜଣ ଜର୍ମାନୀରୁ ମୋଟ ୮୦ ଜଣ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରେ ୩୪ ଜଣ ପୁରୁଷ ଓ ବାକି ମହିଳା ଅଛନ୍ତି। ତିନି ଜଣ ସ୍ୱେଚ୍ଛାସେବୀ ଓ ଜଣେ ଡାକ୍ତର ମଧ୍ୟ ସାମିଲ ଅଛନ୍ତି।ନେପାଳ-ତିବ୍ବତ ସୀମା ନିକଟରେ ଏକ ହିମସ୍ଖଳନ ଯୋଗୁଁ ବନ୍ୟା ଘଟିଥିଲା, ଯାହା ଫଳରେ ସମଗ୍ର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏପର୍ଯ୍ୟନ୍ତ ନେପାଳରେ ୧୬୩ ଜଣଙ୍କର ମୃତ୍ୟୁ ହୋଇଛି ଓ ୧୩୩ ଜଣ ଭାରତୀୟ ତୀର୍ଥଯାତ୍ରୀଙ୍କ ସମେତ ୭୫୦ ରୁ ଅଧିକ ନିଖୋଜ ଅଛନ୍ତି। ଗ୍ୟାରୋଙ୍ଗରେ ୨୬୦ ଜଣ ବିଦେଶୀ ନାଗରିକଙ୍କ ସମେତ ୫୫୮ ଜଣ ନିଖୋଜ ଅଛନ୍ତି। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁସାରେ, ଭୂସ୍ଖଳନ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ୫.୨ ତୀବ୍ରତାର ଭୂମିକମ୍ପ ସହିତ ତୁଳନୀୟ ଏକ କମ୍ପନ ସୃଷ୍ଟି କରିଥିଲା।

### ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ

# ପାଇଲଟ ଓ କୋ-ପାଇଲଟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ଉତ୍ତର ପ୍ରଦେଶର କାନପୁରରେ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ । ବିମାନରେ ଥିବା ପାଇଲଟ୍ ଏବଂ କୋ-ପାଇଲଟ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଉଦ୍ଧାରକାରୀ ଦଳ ବର୍ତ୍ତମାନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ କରୁଛନ୍ତି। ଏହି ଘଟଣାଟି କାନପୁରର ଗଙ୍ଗା ବ୍ୟାରେଜ୍ ନିକଟରେ ଘଟିଛି।ରିପୋର୍ଟ ଅନୁଯାୟୀ, ତାଲିମ ବିମାନଟି ଗର୍ଗ ଆଭିଏସରହ ଥିଲା। ଗୁରୁବାର ଦିନ ଗଙ୍ଗା ବ୍ୟାରେଜ୍ ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାନପୁରର ନାଥାଖେଡା ଅଞ୍ଚଳର ଗଙ୍ଗା ବ୍ୟାରେଜ୍ ନିକଟରେ ଦୁର୍ଘଟଣା ସମ୍ପର୍କରେ ଜାଣିବା ମାତ୍ରେ ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ସୂଚନା ପାଇ କାନପୁରର ମୁଖ୍ୟ ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।ଅଗ୍ନିଶମ ବାହିନୀ ସହିତ, କାନପୁର ନଗର ଜରୁରୀକାଳୀନ ସେବାର ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷରୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ଯେଉଁଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

### ପଲନାଡୁରେ ଭୟଙ୍କର ଦୁର୍ଘଟଣା !

# ବସ୍-ଅଟୋ ଧକ୍କାରେ ୭ ମୃତ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ଆନ୍ଧ୍ର ପ୍ରଦେଶର ପଲନାଡୁ ଜିଲ୍ଲା ଚିଲକାଲୁରୀପେଟ୍ ନିକଟ ଅଡ୍ଡା ରୋଡ୍‌ରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଘରୋଇ ଟ୍ରାଭେଲ୍ ବସ୍ ଓ ଅଟୋ-ରିକ୍ସା ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ବସ୍‌ଟି ବିଜୟୱାଡ଼ାରୁ ଚେନ୍ନାଇ ଯାଉଥିଲା । ଏହି ସମୟରେ କୋଣ୍ଡା ମଞ୍ଜୁରୁରୁ ଭେଲୋରରେ ଏକ ଉତ୍ସବରେ ଯୋଗଦେବାକୁ ଯାଉଥିବା ଯାତ୍ରୀଙ୍କୁ ନେଇ ଯାଉଥିବା ଅଟୋ-ରିକ୍ସାକୁ ବସ୍‌ଟି ସାମ୍ନାରୁ ଧକ୍କା ଦେଇଥିଲା।ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୋଲିସ ଓ ୧୦୮ ଆମ୍ବୁଲାନ୍ସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରି ଆନ୍ଧ୍ର ପ୍ରଦେଶର ପରିବହନ ମନ୍ତ୍ରୀ ମାଣ୍ଡିପଲ୍ଲୀ ରାମପ୍ରସାଦ ରେଡ୍ଡୀ କହିଛନ୍ତି, "ଯାତ୍ରା ଲୋକଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଉଚିତ, ଶେଷ ଗନ୍ତବ୍ୟସ୍ଥଳକୁ ନୁହେଁ ।" ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁଲିସକୁ ଆଇନ୍ ପାଠ ପଢ଼ାଇଲେ ଅଭିଷେକ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** କ୍ୟାମାକ୍ ଷ୍ଟ୍ରିଟ୍ କାର୍ଯ୍ୟାଳୟରୁ ତୃଣମୂଳ କଂଗ୍ରେସର ବିଲ୍‌ବୋର୍ଡ ହଟାଇବାକୁ ନେଇ କୋଲକାତା ପୁଲିସ୍ ଏବଂ କୋଲକାତା ମ୍ୟୁନିସିପାଲ କୋର୍ପୋରେସନ ଅଧିକାରୀଙ୍କୁ ପାଣି ପିଆଇଲେ ଅଭିଷେକ ବାନାର୍ଜୀ । ଟିଏମସି ସାଂସଦ ଅଭିଷେକ ବାନାର୍ଜୀ ଓ ପୁଲିସ୍ ଅଧିକାରୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଏହା ପରେ ପୁଲିସ ଏବଂ କେଏମସି ଅଧିକାରୀ ସ୍ଥାନ ଛାଡ଼ି ପଳାଇଥିଲେ ।ପୁଲିସ ଓ କେଏମସିର ଅଧିକାରୀମାନେ ବିଲବୋର୍ଡ ହଟାଇବାକୁ ଆସିବା ପରେ ଅଭିଷେକ ବାନାର୍ଜୀ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ଲିଖିତ ଅଭିଯୋଗ ଅଛି କି ନାହିଁ ଦେଖାଇବାକୁ ସେ ଦାବି କରିଥିଲେ। ଅଧିକାରୀମାନେ କୌଣସି ବୈଧ ନିର୍ଦ୍ଦେଶନାମା ଦେଖାଇବାରେ ବିଫଳ ହେବାରୁ ସେଠାରୁ ସେମାନଙ୍କୁ ଫେରିବାକୁ ପଡ଼ିଥିଲା। ପୁଲିସ୍ ଅଧିକାରୀମାନେ ବେଆଇନ ଭାବରେ କାର୍ଯ୍ୟାଳୟ ପରିସରକୁ ପଶିବାକୁ ଚେଷ୍ଟା କରୁଥିଲେ ବୋଲି ଅଭିଷେକ ଅଭିଯୋଗ ଆଣିଛନ୍ତି ।ଏହି ଘଟଣାରେ ସଂପୃକ୍ତ ପୁଲିସ୍ ଅଧିକାରୀଙ୍କ ବିରୋଧରେ ସେ ହାଇକୋର୍ଟରେ ମାମଲା ଦାୟର କରିବେ ବୋଲି ସ୍ପଷ୍ଟ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ସମାଲୋଚନା କରିଛନ୍ତି ଅଭିଷେକ । ଘଟଣା ପରେ ଅଭିଷେକ ବାନାର୍ଜୀ ସାମ୍ବାଦିକ ସମ୍ମିଳନୀରେ ଶାସକ ଦଳ ଓ ପ୍ରଶାସନ ଉପରେ ବର୍ଷିଛନ୍ତି ।ପୁଲିସ୍ ଓ କେଏମସି ଅଧିକାରୀମାନେ ଭୁଲିଯାଉଛନ୍ତି ଯେ, ସେମାନଙ୍କୁ କରଦାତାଙ୍କ ଅର୍ଥରୁ ଦରମା ମିଳୁଛି, ବିଜେପି ପାଣ୍ଠିରୁ ନୁହେଁ। କେଉଁ ରାଜନୈତିକ ଦଳ କେତୋଟି ବିଲ୍ ?ବୋର୍ଡ ଲଗାଇବ, ତାହା ସ୍ଥିର କରିବାର ସେମାନଙ୍କର କୌଣସି ଅଧିକାର ନାହିଁ ବୋଲି ସେ କହିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଶୁଭେନ୍ଦୁ ଅଧିକାରୀଙ୍କ ସରକାର ଏବଂ ବିଜେପି, କୋଲକାତା ପୁଲିସ୍ ଓ କେଏମସି ଅଧିକାରୀଙ୍କୁ ବିରୋଧୀଙ୍କୁ ଦମନ କରିବା ଲାଗି ବ୍ୟବହାର କରୁଛନ୍ତି ।

### ପ୍ୟାକେଟ୍ ଖାଦ୍ୟରେ ୱାର୍ଣ୍ଣିଂ ଲେବୁଲ୍ ମାମଲା

# କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଚେତାବନୀ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ପ୍ୟାକେଟ୍ ଫୁଡ୍ ବା ସଂରକ୍ଷିତ ଖାଦ୍ୟପଦାର୍ଥ ପ୍ୟାକେଟର ସମ୍ମୁଖ ଭାଗରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚେତାବନୀ ବା 'ଫ୍ରଣ୍ଟ-ଅଫ୍-ପ୍ୟାକ୍ ୱାର୍ଣ୍ଣିଂ ଲେବୁଲ୍' ଲଗାଇବା ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ଆପୋଷ ବୁଝାମଣା କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିବା ସହ ବିକଶିତ ଦେଶଗୁଡ଼ିକରେ ପ୍ରଚଳିତ ଖାଦ୍ୟ-ଲେବୁଲିଂ ମାନଦଣ୍ଡ ଲାଗୁ କରିବାରେ କେନ୍ଦ୍ରର ଅନିଚ୍ଛା ଉପରେ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଆବଶ୍ୟକ ନିଷ୍ପତ୍ତି ନେବା ପାଇଁ କେନ୍ଦ୍ର ସରକାରଙ୍କୁ ଦୁଇ ସପ୍ତାହର ସମୟ ଦେଇଛନ୍ତି। ଯଦି ସରକାର ନିଜଆଡୁ କୌଣସି ପଦକ୍ଷେପ ନନିଅନ୍ତି, ତେବେ କୋର୍ଟ ନିଜେ ଏହା ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ଜାରି କରିବେ ବୋଲି ଚେତାବନୀ ଦେଇଛନ୍ତି। ଦେଶରେ ଶିଶୁ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ମୋଟାପଣ ଏବଂ ପ୍ରୋସେସ୍ଡ ଫୁଡର ସେବନ ହାର ବୃଦ୍ଧି ପାଉଥିବାରୁ ଏହି ଆବେଦନ ଉପରେ କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଶୁଣାଣି ସମୟରେ, ଭାରତ ଆନ୍ତର୍ଜାତୀୟ ମାନଦଣ୍ଡ ସହ ତାଳ ଦେଇପାରିବ ନାହିଁ ବୋଲି କେନ୍ଦ୍ରର ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଜଷ୍ଟିସ୍ ପାର୍ଡିୱାଲା ପ୍ରଶ୍ନ କରିଥିଲେ ଯେ, ଭାରତ ସଦାସର୍ବଦା ଏକ ଅବିକଶିତ ଦେଶ ହୋଇ ରହିବ କି। '୩ଏସ୍ ଏଣ୍ଡ ଆୱାର ହେଲ୍ଥ ସୋସାଇଟି' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ଦାଖଲ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ପ୍ୟାକେଟ୍ ଖାଦ୍ୟରେ ଶର୍କରା, ଲୁଣ ଏବଂ ସାଚୁରେଟେଡ୍ ଫ୍ୟାଟର ପରିମାଣ ସମ୍ପର୍କରେ ସ୍ପଷ୍ଟ ଚେତାବନୀ ଉଲ୍ଲେଖ କରିବାକୁ ଦାବି କରିଥିଲେ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ର ପଦକ୍ଷେପ ଉପରେ କୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ବିଧାନର ଧାରା ୨୧ ଅନୁଯାୟୀ ଜୀବନ ଜୀବିକା ଓ ସ୍ୱାସ୍ଥ୍ୟର ଅଧିକାରକୁ ଖାଦ୍ୟ ନିରାପତ୍ତା ସହ ଯୋଡ଼ିଛନ୍ତି।ବର୍ତ୍ତମାନ ପ୍ରକାଶିତ 'ଅର୍ଥନୈତିକ ସର୍ଭେ ୨୦୨୫-୨୬' ରିପୋର୍ଟ ଅନୁଯାୟୀ, ଅସୁସ୍ଥକର ଆହାର ଏବଂ ଅତ୍ୟାଧିକ ପ୍ରୋସେସ୍ଡ ଫୁଡ୍ ଯୋଗୁଁ ଦେଶରେ ୨୪ ପ୍ରତିଶତ ମହିଳା ଓ ୨୩ ପ୍ରତିଶତ ପୁରୁଷ ମୋଟାପଣର ଶିକାର ହୋଇଛନ୍ତି। ୨୦୦୯ ରୁ ୨୦୨୩ ମଧ୍ୟରେ ଭାରତରେ ପ୍ରୋସେସ୍ଡ ଫୁଡ୍ ବଜାର ୧୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି, ଯାହା ମଧୁମେହ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ଗ୍ରାହକଙ୍କୁ ସଠିକ୍ ସୂଚନା ଦେଇ ସ୍ୱାସ୍ଥ୍ୟକର ଖାଦ୍ୟ ବାଛିବାର ସୁଯୋଗ ଦେବା ପାଇଁ ପ୍ୟାକେଟ୍ ସମ୍ମୁଖରେ ଚେତାବନୀ ଲେବୁଲ୍ ଲଗାଇବା ଅତ୍ୟନ୍ତ ଜରୁରୀ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।



# ନେପାଳକୁ ସହାୟତା ଦିଅ, ଅହଂକାର ନୁହେଁ !

### ଭାରତକୁ ଶଶି ଥରୁରଙ୍କ ବଡ଼ ପରାମର୍ଶ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ନେପାଳରେ ଭୟଙ୍କର ବନ୍ୟା ପରେ ଭାରତର ତୁରନ୍ତ ସହାୟତାକୁ କଂଗ୍ରେସ ସାଂସଦ ତଥା ପୂର୍ବତନ କୂଟନୀତିଜ୍ଞ ଶଶି ଥରୁର ସ୍ୱାଗତ କରିଛନ୍ତି । ତେବେ ପଡ଼ୋଶୀ ଦେଶକୁ ସହାୟତା ପ୍ରଦାନ ସମୟରେ ଭାରତୀୟ ଗଣମାଧ୍ୟମ 'ଅହଂକାର' ପ୍ରଦର୍ଶନ ନ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି । ୨୦୧୫ରେ ନେପାଳରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରେ ଭାରତ-ନେପାଳ ସମ୍ପର୍କ ତିକ୍ତ ହୋଇଥିଲା । ସେତେବେଳେ ଭାରତୀୟ ଗଣମାଧ୍ୟମରେ ଭାରତର ରିଲିଫ୍ ସହାୟତାର ବ୍ୟାପକ ପ୍ରଚାର ନେପାଳୀ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ରୋଧ ସୃଷ୍ଟି କରିଥିଲା ।ସେତେବେଳେ ଗଣମାଧ୍ୟମର ଏପରି ପ୍ରସାରଣକୁ ନିନ୍ଦା କରି ଥରୁର କହିଥିଲେ ଯେ, ଯେଉଁମାନେ ସଙ୍କଟରେ ଅଛନ୍ତି ଓ ସାହାଯ୍ୟତା ପାଉଛନ୍ତି, ସେମାନଙ୍କୁ ସାହାଯ୍ୟ କରୁଥିବା ଲୋକେ ଏହାର ପ୍ରଚାର କରିବା ଆବଶ୍ୟକ ନାହିଁ । ଏଥର ମଧ୍ୟ ନେପାଳ ପ୍ରତି ଭାରତର ମନୋଭାବରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇ ଥରୁର କହିଛନ୍ତି ଯେ, ନୂଆଦିଲ୍ଲୀ ନେପାଳକୁ ଏକ ସାର୍ବଭୌମ ଓ ସମାନ ଦେଶ ଭାବେ ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ ।ନେପାଳରେ ୨୦୧୫ ପରବର୍ତ୍ତୀ ଅଘୋଷିତ ଆର୍ଥିକ ଅବରୋଧକୁ 'ବଡ଼ ଭୁଲ୍' ବୋଲି ଅଭିହିତ କରି ଥରୁର କହିଛନ୍ତି ଯେ, ଏହା ସେତେବେଳେ ଦିଲ୍ଲୀ-କାଠମାଣ୍ଡୁ ସମ୍ପର୍କକୁ କ୍ଷତି ପହଞ୍ଚାଇଥିଲା। ତେଣୁ ବର୍ତ୍ତମାନର ସଙ୍କଟ ସମୟରେ ଭାରତକୁ ନେପାଳ ପ୍ରତି ସହଯୋଗର ମନୋଭାବ ରଖିବା ସହ ସମ୍ବେଦନଶୀଳତାର ସହିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ସୂଚାଇଛନ୍ତି ।



# ରାତିରେ ଛୋଟ ପିଲାଙ୍କୁ ଫେସବୁକ-ଇନଷ୍ଟାଗ୍ରାମ୍ ବ୍ୟାନ୍ !

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ଟେକ୍ନୋଲୋଜି କମ୍ପାନି ମେଟାକୁ ଏହାର ଫେସବୁକ ଏବଂ ଇନ୍‌ଷ୍ଟାଗ୍ରାମର ୱାଚ୍ ଟାଇମ୍ କମ୍ କରିବା ଲାଗି ଦୈନିକ ବ୍ୟବହାର ସୀମା ଏବଂ ରାତ୍ରି ବ୍ୟବହାର ବ୍ଲକ ଭଳି ଫିଚର୍ ଆଣିବାକୁ ହେବ। ଫଳରେ ଛୋଟପିଲାଙ୍କୁ ରାତିରେ ଏଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ଗୁଡ଼ିକରୁ ଦୂରେଇ ରଖିବାରେ ଅଭିଭାବକଙ୍କୁ ଏକ ବିକଳ୍ପ ମିଳିବ। ଆମେରିକାର କାଲିଫର୍ଣ୍ଣିଆ ଫେଡେରାଲ କୋର୍ଟ ୨୯ଟି ରାଜ୍ୟ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ।ଶିଶୁଙ୍କର ସୋସିଆଲ ମିଡିଆ ଆସକ୍ତି, ସୁରକ୍ଷା ବିପନ୍ନତା ଏବଂ ବିନା ସହମତିରେ ଡାଟା ସଂଗ୍ରହ ନେଇ କମ୍ପାନି ବିରୋଧରେ ଅଭିଯୋଗ ରହିଥିଲା। ଶିଶୁଙ୍କ ସୁରକ୍ଷାକୁ ଅଣଦେଖା କରୁଥିବା ଅଭିଯୋଗରେ କମ୍ପାନିକୁ ୧.୫୯ ଲକ୍ଷ କୋଟି ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଆମେରିକାର ବିଭିନ୍ନ ରାଜ୍ୟ, ସ୍କୁଲ ଏବଂ ଅଭିଭାବକମାନେ ଯୁବବର୍ଗଙ୍କ ମାନସିକ ଚାପ ବଢ଼ାଉଥିବା ନେଇ ମେଟା ବିରୋଧରେ ଅଭିଯୋଗ ଆଣି ମାମଲା କରିଥିଲେ ।ଅଭିଭାବକଙ୍କୁ ନ ଜଣାଇ କିମ୍ବା ଅନୁମତି ନ ନେଇ କମ୍ପାନି ଶିଶୁଙ୍କ ଡାଟା ସଂଗ୍ରହ କରିଥିବା ଏବଂ ଏହାକୁ ମେଶିନ ଲର୍ଣ୍ଣିଂ ଓ ଜେନେରେଟିଭ ଏଆଇକୁ ତାଲିମ ଦେବାରେ ମଧ୍ୟ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ତେବେ ମେଟା ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି କହିଛି। କମ୍ପାନି କହିଛି, ଶିଶୁଙ୍କ ସୁରକ୍ଷା ଲାଗି କଡ଼ା ପଦ ଗ୍ରହଣ କରାଯାଇଛି। ଟିନ୍ ଆକାଉଣ୍ଟ ଭଳି ସୁବିଧା ରହିଛି। ନୂଆ ସୁବିଧା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରାଯାଉଛି। ସୋସିଆଲ ମିଡିଆ ଆସକ୍ତି କୌଣସି ମାନ୍ୟତା ପ୍ରାପ୍ତ ମାନସିକ ରୋଗନୁହେଁ। ଅନ୍ୟପଟେ ଏହି ରାୟକୁ ନେଇ କମ୍ପାନି ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ନେଇଛି ।ଏହି ମାମଲାରେ ମେଟାଠାରୁ ବଡ଼ ପରିମାଣରେ ଜରିମାନା ଆଦାୟ କରାଯାଉ ବୋଲି ଆମେରିକାର ବିଭିନ୍ନ ରାଜ୍ୟ ଦାବି କରୁଥିଲେ । କୋର୍ଟ ଫାଇଲିଂ ମୁତାବକ, କାଲିଫର୍ଣ୍ଣିଆ ଏବଂ କଲରାଡୋ ଭଳି ରାଜ୍ୟ ମେଟା ବିରୋଧରେ ୧୩୩.୪୮ ଲକ୍ଷ କୋଟିର ଜରିମାନା ଦାବି କରୁଥିଲେ। ପରେ ଏହାକୁ ୧୯.୦୭ ଲକ୍ଷ କୋଟିକୁ ହ୍ରାସ କରାଯାଇଥିଲା। ଜରିମାନା ବାଦ ରାଜ୍ୟ ଗୁଡ଼ିକୁ କ୍ଷତିପୂରଣ, ନୂଆ ଆକାଉଣ୍ଟ ବନାଇବା ଉପରେ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇବା ପାଇଁ ଆବେଦନରେ କହିଥିଲେ ରାଜ୍ୟ ।



### ଆତଙ୍କୀ ଫଣ୍ଡିଂ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ୭୨ ବର୍ଷରେ ମିଳିଲା ଜାମିନ !

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ପାକିସ୍ତାନସ୍ଥିତ ଲସ୍କର-ଏ-ତୈବା ମୁଖ୍ୟ ହାଫିଜ୍ ମହମ୍ମଦ ସୟିଦ ଓ କାଶ୍ମୀର ବ୍ୟବସାୟୀ ଜହୁର ଅହମଦ ଶାହ ୱାଟାଲିଙ୍କ ସହ ଜଡ଼ିତ ଆତଙ୍କବାଦୀ ପାଣ୍ଠି ଯୋଗାଣ ମାମଲାର ଅଭିଯୁକ୍ତ ୟୁଏଇସ୍ଥିତ ବ୍ୟବସାୟୀ ନଭଲ କିଶୋର କପୁରଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ନଭଲ କିଶୋରଙ୍କ ବୟସ ୭୨ ବର୍ଷରୁ ଅଧିକ ଏବଂ ସେ ଆଠ ବର୍ଷରୁ ଅଧିକ ସମୟ ଧରି ହାଜତରେ ଅଛନ୍ତି । ଏହାସହ ନିକଟ ଭବିଷ୍ୟତରେ ମାମଲାର ଶୁଣାଣି ଶେଷ ହେବାର ସମ୍ଭାବନା କମ୍ ବୋଲି କୋର୍ଟ କହିଛନ୍ତି ।ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କପୁରଙ୍କ ଦୀର୍ଘକାଳୀନ ହାଜତବାସକୁ ବିଚାରକୁ ନେଇ ଜାମିନ ପ୍ରଦାନ କରିଛନ୍ତି । ନଭଲ କିଶୋରଙ୍କୁ ୨୬ ଜୁଲାଇ, ୨୦୧୮ରେ ଗିରଫ କରାଯାଇଥିଲା । ବହୁ ସଂଖ୍ୟକ ସାକ୍ଷୀ ଥିବାରୁ ମାମଲାର ବିଚାର ଶୀଘ୍ର ଶେଷ ହେବାର ସମ୍ଭାବନା କମ୍ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି । ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ବା ୟୁଏପିଏ ଅଧୀନରେ ଜାମିନ ପାଇଁ କଠୋର ବ୍ୟବସ୍ଥା ଥିବା ସତ୍ତ୍ୱେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।ମଙ୍ଗଳବାର କୋର୍ଟ ଦେଇଥିବା ଆଦେଶରେ କହିଛନ୍ତି ଯେ, ଯଦି କପୁର ବିଚାର ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚେଷ୍ଟା କରନ୍ତି, ତେବେ ଜାମିନ ଆଦେଶ ପ୍ରତ୍ୟାହାର ପାଇଁ ସରକାରୀ ଓକିଲ ଓ ଟ୍ରାଏଲ୍ କୋର୍ଟଙ୍କ ପାଇଁ ବିକଳ୍ପ ଖୋଲା ରହିବ । ବରିଷ୍ଠ ଓକିଲ ଶଦାନ ଫରାସତ କପୁରଙ୍କ ପକ୍ଷରୁ ହାଜର ହୋଇଥିବା ବେଳେ ବରିଷ୍ଠ ପରାମର୍ଶଦାତା ସିଦ୍ଧାର୍ଥ ଲୁଥ୍ରା ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) ପକ୍ଷରୁ ମାମଲା ପରିଚାଳନା କରିଥିଲେ ।ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଷଡ଼ଯନ୍ତ୍ର ଏବଂ ୟୁଏପିଏ ଅଧୀନରେ ଆତଙ୍କବାଦୀ ପାଣ୍ଠି ଯୋଗାଣ ଅଭିଯୋଗରେ ଜାନୁଆରୀ ୨୦୧୯ରେ କପୁରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଥିଲା । ଜମ୍ମୁ-କାଶ୍ମୀରରେ ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପାଣ୍ଠି ସଂଗ୍ରହ ଓ ପଠାଇବା ପାଇଁ ଚାଲିଥିବା ଏକ ବୃହତ ଷଡ଼ଯନ୍ତ୍ରରେ କପୁର ସାମିଲ ଥିବା ଅଭିଯୋଗ ହୋଇଛି । ସୟିଦ ଓ ଅନ୍ୟ ବିଚ୍ଛିନ୍ନତାବାଦୀ ନେତାମାନେ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ ଓ ବଣ୍ଟନ କରୁଥିବା ସମ୍ପର୍କରେ ସରକାରଙ୍କୁ ସୂଚନା ମିଳିବା ପରେ, ମେ ୨୦୧୭ରେ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା । ଏନଆଇଏର ଅଭିଯୋଗ ଅନୁଯାୟୀ, ହିଂସାତ୍ମକ ପ୍ରତିବାଦ, ପଥର ଫିଙ୍ଗା, ପୋଡ଼ାଜଳା ଓ ସାର୍ବଜନୀନ ସମ୍ପତ୍ତି ନଷ୍ଟ କରିବା ଭଳି କାର୍ଯ୍ୟକଳାପ ପାଇଁ ହାୱାଲା ନେଟୱାର୍କ ଓ ଅନ୍ୟାନ୍ୟ ଅବୈଧ ଚ୍ୟାନେଲ ମାଧ୍ୟମରେ ପାଣ୍ଠି ଭାରତକୁ ଅଣାଯାଇଥିଲା । ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ପାଣ୍ଠିର ଗତିବିଧିକୁ ସହଜ କରିବାରେ କପୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ମଧ୍ୟ ଏନଆଇଏ ଅଭିଯୋଗ କରିଛି ।

### ଜାତିସଂଘ ରିପୋର୍ଟରେ ଚେତାବନୀ

# ବିଗୁଡୁଛି ମୃତ୍ତିକା ଅବସ୍ଥା: ଅଧାରୁ ଅଧିକ ଖରାପ ସ୍ଥିତିରେ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ବିଶ୍ୱର ଅଧାରୁ ଅଧିକ ମୃତ୍ତିକା ଖରାପ ଅବସ୍ଥାରେ ଅଛି। ଫଳରେ ଏହା ବିଶ୍ୱର ଖାଦ୍ୟ ଯୋଗାଣ ଏବଂ ବିବିଧ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବଞ୍ଚିବା ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୃତ୍ତିକାକୁ ଉନ୍ନତ କରିବାର ପଦ୍ଧତିଗୁଡ଼ିକ ପୂର୍ବରୁ ଜଣାଥିଲେ ମଧ୍ୟ ସେସବୁକୁ ଗ୍ରହଣ କରାଯାଉ ନାହିଁ ବୋଲି ଜାତିସଂଘ (ୟୁଏନ)ର ଏକ ରିପୋର୍ଟରେ କୁହାଯାଇଛି। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଏଫଏଓ) ସତର୍କ କରାଇ ଦେଇଛି, ବିଶ୍ୱକୁ ମୃତ୍ତିକାର ବ୍ୟବହାର ନେଇ ଯତ୍ନବାନ ହେବା ଉଚିତ୍। ବିଶେଷଜ୍ଞମାନଙ୍କ ଅନୁସାରେ ମୃତ୍ତିକାରୁ ଖାଦ୍ୟର ୯୫% ଉତ୍ପାଦନ ହୋଇଥାଏ। ବିଶ୍ୱର ପ୍ରାୟ ୫୯% ଉଦ୍ଭିଦ ଏବଂ ପ୍ରାଣୀ ଖାଦ୍ୟ ପାଇଁ ମୃତ୍ତିକା ଉପରେ ନିର୍ଭର କରିଥାନ୍ତି। ସମୁଦ୍ର ପରେ ମୃତ୍ତିକା ମଧ୍ୟ ବିଶ୍ୱର ଦ୍ୱିତୀୟ ବୃହତ୍ତମ କାର୍ବନ ଶୋଷକ। ଏହା ସତ୍ତ୍ୱେ, ମାଟିର ଅବସ୍ଥା ବହୁତ ଦ୍ରୁତ ଗତିରେ ଖରାପ ହେବାରେ ଲାଗିଛି ।ରିପୋର୍ଟ ଅନୁଯାୟୀ, ବିଶ୍ୱର ୫୨.୫% ଅଞ୍ଚଳରେ ମୃତ୍ତିକା ପରିଚାଳନା ଖରାପ କିମ୍ବା ଅତି ଖରାପ ରହିଛି। ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳରେ ମୃତ୍ତିକା ପରିଚାଳନା ହାରାହାରି ଭଲ ରହିଛି। ଅପରପକ୍ଷରେ କେବଳ ୧୪% ଅଞ୍ଚଳରେ ମୃତ୍ତିକା ପରିଚାଳନା ଅତି ଭଲ ଭାବେ କରାଯାଉଛି ।ବିଶ୍ୱର ମୃତ୍ତିକା ଉପରେ ଏଫଏଓର ଏହା ଦ୍ୱିତୀୟ ରିପୋର୍ଟ। ପ୍ରଥମ ରିପୋର୍ଟ ୨୦୧୫ରେ ପ୍ରକାଶିତ ହୋଇଥିଲା। ଏଫଏଓ ରିପୋର୍ଟ ଅନୁସାରେ ୨୦୧୫ ପରଠାରୁ ବିଶ୍ୱର ଜନସଂଖ୍ୟା ୮୦ କୋଟି ବୃଦ୍ଧି ପାଇଛି। ପ୍ରାୟ ୮ କୋଟି ହେକ୍ଟରରୁ ଅଧିକ ଜମି ଚାଷ ପାଇଁ ବ୍ୟବହୃତ ହେଉଛି। ଚାଷ ଜମିର କ୍ଷେତ୍ରଫଳ ଫ୍ରାନ୍ସ ଏବଂ ଜର୍ମାନୀର ମିଳିତ ଆକାର ସହିତ ସମାନ ରହିଛି। ବିଶେଷଜ୍ଞଙ୍କ ମତରେ,ସବୁଠାରୁ ବଡ଼ ବିପଦ ହେଉଛି ମୃତ୍ତିକା କ୍ଷୟ। ଦୁର୍ବଳ ଏବଂ ଅନୁପଯୁକ୍ତ ମୃତ୍ତିକା ପରିଚାଳନା ପଦ୍ଧତି ପାଣି ଦ୍ୱାରା ମାଟିକୁ ଧୋଇ ନେଇପାରେ କିମ୍ବା ପବନ ଦ୍ୱାରା ଉଡ଼ିଯାଇପାରେ। ମୃତ୍ତିକା ପାଇଁ ଅନ୍ୟାନ୍ୟ ବିପଦ ମଧ୍ୟରେ ଜୈବ ପଦାର୍ଥର ହ୍ରାସ, ପୁଷ୍ଟିକର ପଦାର୍ଥର ଅନୁପଯୁକ୍ତ ବ୍ୟବହାର, ଉଦ୍ଭିଦ ଏବଂ ଜୀବାଣୁ ସଂଖ୍ୟାରେ ହ୍ରାସ, ଲୁଣ ଜମା, ପ୍ରଦୂଷଣ ଏବଂ ସହରାଞ୍ଚଳ ବଢ଼ିବା ଆଦି ମାନବୀୟ କାର୍ଯ୍ୟ ରହିଛି। ଜଳବାୟୁ ପରିବର୍ତ୍ତନ ଏହି ସମସ୍ୟାକୁ ଆହୁରି ବଢ଼ାଇଛି। ମୃତ୍ତିକାର ଅବକ୍ଷୟ ମଧ୍ୟ ଜଳବାୟୁ ପରିବର୍ତ୍ତନକୁ ସଙ୍କଟ ଜନକ କରୁଛି। ମୃତ୍ତିକାର ସ୍ଥିତିରେ ଉନ୍ନତି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମାଇ ବିଶ୍ୱ ତାପନ ହ୍ରାସ କରିବାରେ ମଧ୍ୟ ସହାୟକ ହେବ ।ମୃତ୍ତିକା କ୍ଷୟକୁ ରୋକିବାର ଏକ ପ୍ରମୁଖ ଉପାୟ ହେଉଛି ଚାଷ କମାଇବା ଅବା ସମ୍ପୂର୍ଣ୍ଣ ବନ୍ଦ କରିବା। ଚାଷ ଯୋଗୁଁ ମୃତ୍ତିକାରେ ଥିବା ଅଣୁଜୀବ ଏବଂ ଜୈବିକ ଉପାଦନକୁ କ୍ଷତି ପହଞ୍ଚିଥାଏ। ମୃତ୍ତିକାକୁ ଢିଲା କରିବା ଦ୍ୱାରା ଏହା ଜଳ ପ୍ରବାହ ଏବଂ ପବନ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାଏ।

ମୃତ୍ତିକାକୁ ସୁରକ୍ଷା ଏବଂ ଉନ୍ନତି କରିବାର ଅନ୍ୟାନ୍ୟ ପଦ୍ଧତି ମଧ୍ୟରେ ଡାଲି ଏବଂ ସୋରିଷ ଭଳି ଫସଲ କରିବା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଏସବୁ ଫସଲ ମୃତ୍ତିକାର ଉର୍ବରତା ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଅନ୍ୟ ଏକ ପଦ୍ଧତି ହେଉଛି କୃଷି ବନୀକରଣ ଆଗ୍ରୋଫରେଷ୍ଟ୍ରି। ଏଥିରେ କୃଷି ଜମି ପାଖରେ ଗଛ ଲଗାଯାଇଥାଏ। ମୃତ୍ତିକା ସଂରକ୍ଷଣ ପାଇଁ ପ୍ରାକୃତିକ ଏବଂ ରାସାୟନିକ ସାରର ଉପଯୁକ୍ତ ବ୍ୟବହାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି। ତେବେ ସାର ନିଜେ ମଧ୍ୟ ପ୍ରଦୂଷଣ ସୃଷ୍ଟି କରିପାରେ। ଏଫଏଓ କହିଛି, କୃଷକମାନଙ୍କ ପାଖରେ ସୂଚନାର ଅଭାବ ମୁଖ୍ୟ ସମସ୍ୟା ନୁହେଁ। ବଡ ସମସ୍ୟା ହେଉଛି ସେମାନଙ୍କ ପାଖରେ ଆବଶ୍ୟକୀୟ ସମ୍ବଳର ଅଭାବ। କାରଣ ଏହି ପଦ୍ଧତିଗୁଡ଼ିକୁ ଗ୍ରହଣ କରିବା ପାଇଁ ଯଥେଷ୍ଟ ପ୍ରାରମ୍ଭିକ ବିନିଯୋଗର ଆବଶ୍ୟକତା ରହିଥାଏ।





# ଜେମିନି ଏଡିବିଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ପକ୍ଷରୁ ଆଇପିଓ ପାଇଁ ଡିଆରଏଚପି ଦାଖଲ

**ଭୁବନେଶ୍ୱର, ୨୭।୮ (ନି.ପ୍ର) :** ଫ୍ରିଡମ ଅଏଲ ବ୍ରାଣ୍ଡର ମାଲିକାନା ରଖିଥିବା ଜେମିନି ଏଡିବଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ଲିମିଟେଡ (ଜିଇଏଫଏଲ) ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଚି। ଏଥିରେ ଅଫର ଫର ସେଲରେ ୪୧.୧୫ ନିୟୁତ ଇକ୍ୱିଟି ସେୟାର ବିକ୍ରି କରାଯିବ। ଅଲକା ଚୌଧୁରୀ, ଗୋଲଡେନ ଏଗ୍ରି ଇଂଟରନ୍ୟାସନାଲ ଏଂଟରପ୍ରାଇଜେସ ପିଟିଇ ଲିମିଟେଡ (ଜିଏଆଇଇ), ବ୍ଲାକ ରିଭର ଫୁଡ ୨ ପିଟିଇ ଲିମିଟେଡ ଓ ଇନଭେଷ୍ଟେସମେଂଟ ଆଣ୍ଡ କମର୍ସିଆଲ ଏଂଟରପ୍ରାଇଜେସ ପିଟିଇ ଲିମିଟେଡ। ଅଫର ଫର ସେଲରେ ବିକ୍ରି ହେବାକୁ ଥିବା ମୋଟ ସେୟାର ମଧ୍ୟରୁ ଅଲକା ଚୌଧୁରୀ ଓ ଜିଏଆଇଇ ୨.୦୬ ନିୟୁତ ସେୟାର, ବ୍ଲାକ ରିଭର ଫୁଡ ୨ ଓ ଆଇସିଇ ଯଥାକ୍ରମେ ୩୦.୮୬ ନିୟୁତ ଓ ୬.୧୭ ନିୟୁତ ସେୟାର ବିକ୍ରି କରିବେ। ହାଇଦ୍ରାବାଦରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଜିଇଏଫଏଲ ପ୍ରଦୀପ କୁମାର ଚୌଧୁରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ୨୦୨୫-୨୬ରେ ଦକ୍ଷିଣ ଭାରତର ପ୍ୟାକେଜଡ ସନଫ୍ଲାୱାର ଅଏଲ ବଜାରରେ କମ୍ପାନିର ବଜାର ଅଂଶ ୨୨.୨ ପ୍ରତିଶତ ଥିଲା ଏବଂ କମ୍ପାନି ୮୬୭,୦୯୫ ଏମଟି ଖାଇବା ତେଲ ଓ ଫ୍ୟାଟସ ଏବଂ ୧୭୦୬ ଏମଟି ମସଲା ଓ କନଭିନିଏନ୍ସ ଫୁଡ ବିକ୍ରି କରିଥିଲା। ସର୍ବବୃହତ ସାନଫ୍ଲାୱାର ଅଏଲ କମ୍ପାନି ଭାବେ ଏହାର ବଜାର ଅଂଶ ୧୮.୦୮ ପ୍ରତିଶତ ରହିଛି। ଫ୍ରିଡମ ଓ ବି-ରାଇଟ ବ୍ରାଣ୍ଡ ଅଧୀନରେ ସନଫ୍ଲାୱାର, ରାଇସ୍ ବ୍ରାନ୍, ସୋରିଷ ଓ ବାଦାମ ତେଲ ବିକ୍ରି କରୁଥିବା ଜେଇଏଫଏଲର ବ୍ରାଣ୍ଡେଡ୍ ରିଟେଲ୍ କଂଜ୍ୟୁମର ବ୍ୟବସାୟର ରାଜସ୍ୱରେ ଅବଦାନ ୨୦୨୩-୨୪ର ୬୪%ରୁ ୨୦୨୫-୨୬ରେ ୭୨%କୁ ବଢ଼ିଛି। ଆନ୍ଧ୍ରପ୍ରଦେଶରୁ ଆରମ୍ଭ ହୋଇଥିବା ବ୍ରାଣ୍ଡେଡ୍ ଅଏଲ୍ ବ୍ୟବସାୟ ଏବେ ଓଡ଼ିଶା ସମେତ ତେଲେଙ୍ଗାନା, କର୍ଣ୍ଣାଟକ, ଛତିଶଗଡ଼ ଓ ତାମିଲନାଡୁରେ ପହଂଚିଛି। ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ କମ୍ପାନିର ବ୍ରାଣ୍ଡେଡ୍ ରାଜସ୍ୱ ବାର୍ଷିକ ୨୦.୫ ପ୍ରତିଶତ ହାରାରେ ବଢ଼ିଛି, ଯାହା ସମାନ ସମୟରେ ସମଗ୍ର ବ୍ରାଣ୍ଡେଡ୍ ଖାଇବା ତେଲ ବଜାରର ବାର୍ଷିକ ୧୦.୧ ପ୍ରତିଶତ ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ। କମ୍ପାନିର ବିତରଣ ନେଟୱାର୍କରେ ୧୬୦୦ରୁ ଅଧିକ ବିତରକ, ୩ ଲକ୍ଷରୁ ଅଧିକ ରିଟେଲ୍ ଆଉଟଲେଟ୍ ଓ ୬୦ରୁ ଅଧିକ ଗୋଦାମ/ଷ୍ଟକ୍ ପଏଣ୍ଟ ରହିଛି। ଏହି ନେଟୱାର୍କ ଓଡ଼ିଶା ସମେତ ଛଅଟି ରାଜ୍ୟର ପ୍ରାୟ ୩୧.୮ କୋଟି ଲୋକଙ୍କୁ ସୁବିଧା ପ୍ରଦାନ କରୁଛି। କମ୍ପାନି ଖାଇବା ତେଲ ସହିତ ଶିଳ୍ପ ଉପଭୋକ୍ତା ଓ ବଲ୍କ ମର୍କେଣ୍ଡାଇଜ ବ୍ୟବସାୟରେ ମଧ୍ୟ ସକ୍ରିୟ। ଶିଳ୍ପ କ୍ଷେତ୍ରରେ ଗତ ଆର୍ଥିକ ବର୍ଷରେ ୧୨୭ ଗ୍ରାହକଙ୍କୁ ସେବା ଦେଇଥିବା ବେଳେ ଖାଦ୍ୟ ଶିଳ୍ପ ପାଇଁ ସ୍ପେସିଆଲିଟି ଫ୍ୟାଟ୍ସ ଓ ଖାଇବା ତେଲ ଯୋଗାଉଛି। ୨୦୨୫ରେ ସହାୟକ କମ୍ପାନି ଜେଏଇଏଫ ଫୁଡସ ମାଧ୍ୟମରେ ଅନ୍ନପୂର୍ଣ୍ଣା ବ୍ରାଣ୍ଡ ଅଧିଗ୍ରହଣ କରି ମସଲା ଓ କନଭିନିଏନ୍ସ ଫୁଡ୍ ବଜାରରେ ମଧ୍ୟ ପ୍ରବେଶ କରିଛି। ଏହି ବ୍ରାଣ୍ଡ ତାମିଲନାଡୁରେ ମଜବୁତ ବିତରଣ ନେଟୱାର୍କ ସହ ୪୩ଟି ଉତ୍ପାଦ ପ୍ରଦାନ କରୁଛି। ୨୦୨୩-୨୪ରେ କମ୍ପାନି ୯୦,୫୩୮.୪୪ ନିୟୁତ ଟଙ୍କା ରାଜସ୍ୱରୁ ହାସଲ କରିଥିବା ବେଳେ ୨୦୨୫-୨୬ରେ ତାହା ୧,୨୫,୫୦୦ ନିୟୁତ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଏବିଟଡା ୪୬୨୮.୨୮ ନିୟୁତ ଟଙ୍କାରୁ ବଢ଼ି ୭୯୩୯.୨୫ ନିୟୁତ ଟଙ୍କା ହୋଇଛି। କାକିନାଡାରେ ଦୁଇଟି ଓ କୃଷ୍ଣପଟ୍ଟନମ୍ରେ ଗୋଟିଏ ପୋର୍ଟ-ଭିତ୍ତିକ ପ୍ଲାଣ୍ଟ ମିଳିତ ଭାବେ ୧୨.୨୨୫ ଲକ୍ଷ ମେଟ୍ରିକ୍ ଟନ୍ ବାର୍ଷିକ ରିଫାଇନିଂ କ୍ଷମତା ରହିଛି।

# ବୋଲ୍ଟ ଏସ ୫ଜି ଓ ଇଭୋ ସ୍ମାର୍ଟଫୋନ୍ ମାଧ୍ୟମରେ ବଜାରରେ ପ୍ରବେଶ

**ଭୁବନେଶ୍ୱର, ୨୭।୮ (ନି.ପ୍ର):** ଫାୟାର-ବୋଲ୍ଟର ହାଉସ୍‌ରୁ ଆସିଥିବା ଦେଶୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ବୋଲ୍ଟ ଆଜି ଏହାର ପ୍ରଥମ ସ୍ମାର୍ଟଫୋନ୍ ଏସ ୫ଜି ଓ ଇଭୋ ଲଂଚ କରି ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ ଘୋଷଣା କରିଛି। ଆଧୁନିକ ଭାରତୀୟ ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଥିବା ଏହି ଦୁଇ ସ୍ମାର୍ଟଫୋନ୍‌ରେ ଦକ୍ଷ ପ୍ରଦର୍ଶନ, ଏଆଇ ଚାଳିତ ଅନୁଭୂତି, ଇମର୍ସିଭ୍ ଡିସ୍‌ପ୍ଲେ ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ସହ ଦୈନନ୍ଦିନ ବ୍ୟବହାରର ଆବଶ୍ୟକ ବୈଶିଷ୍ଟ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏସ ୫ଜି ଓ ଇଭୋରେ ବଡ଼ ୬.୭୯ ଇଂଚ ଡିସ୍‌ପ୍ଲେ ସହ ୧୨୦ଏଚ ଜେଡ ରିଫ୍ରେଶ୍ ରେଟ୍ ରହିଛି। ଏହା ସ୍ମୁଥ୍ ସ୍କ୍ରୋଲିଂ, ଦ୍ରୁତ ପ୍ରତିକ୍ରିୟା ଓ ମନୋରନ, ବ୍ରାଉଜିଂ ଏବଂ କଂଟେଟ ଦେଖିବା ସମୟରେ ଇମର୍ସିଭ୍ ଅନୁଭୂତି ପ୍ରଦାନ କରେ। ଏହାର ଡିସ୍‌ପ୍ଲେରେ ସର୍ବାଧିକ ୬୦୦ ନିଟ୍‌ସ ଉଜ୍ଜ୍ୱଳତା ରହିଥିବାରୁ ବିଭିନ୍ନ ପରିସ୍ଥିତିରେ ସ୍ପଷ୍ଟ ଓ ଆରାମଦାୟକ ଭାବେ ସ୍କ୍ରିନ୍ ଦେଖିହେବ। ଆଣ୍ଡ୍ରଏଡ ୧୬ରେ ଚାଲୁଥିବା ଏହି ସ୍ମାର୍ଟଫୋନ୍‌ଗୁଡ଼ିକରେ କୌଣସି ଅନାବଶ୍ୟକ ବ୍ଲୋଟ୍‌ୱେୟାର ନଥିବା କ୍ଲିନ୍ ଆଣ୍ଡ୍ରଏଡ୍ ଅନୁଭୂତି ମିଳିବ। ଉଭୟ ଡିଭାଇସ୍‌ରେ ୬,୦୦୦ ଏମଏଏଚ ବ୍ୟାଟେରୀ ରହିଛି, ଯାହା ଷ୍ଟ୍ରିମିଂ, ଗେମିଂ, ସୋସିଆଲ୍ ମିଡିଆ, ମ୍ୟୁଜିକ୍ ଓ ନେଭିଗେସନ୍‌ରେ ଦୀର୍ଘ ସମୟର ବ୍ୟବହାର ସୁବିଧା ପ୍ରଦାନ କରେ। ମାତ୍ର ୭.୯୫ ମିମି ପତଳା ହୋଇଥିବାରୁ ଏହା ଆଧୁନିକ ଡିଜାଇନ୍ ସହ ଦୈନନ୍ଦିନ ବ୍ୟବହାରରେ ସୁବିଧାଜନକ ରହିଛି। ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ ସମ୍ପର୍କରେ ବୋଲ୍ଟର ପ୍ରତିଷ୍ଠାତା ଓ ସିଇଓ ଅର୍ଣ୍ଣବ କିଶୋର କହିଛନ୍ତି, 'ଆମେ ଗ୍ରାହକଙ୍କୁ ପ୍ରାଥମିକତା ଦେଇ ସ୍ମାର୍ଟଫୋନ୍ ନିର୍ମାଣ କରୁଛୁ। ଦୈନନ୍ଦିନ ଗ୍ରାହକଙ୍କ ପାଇଁ ପ୍ରଯୁକ୍ତିକୁ ଅଧିକ ପ୍ରାସଙ୍ଗିକ, ସୁଲଭ ଓ ଅର୍ଥପୂର୍ଣ୍ଣ କରିବା ଉପରେ ଆମର ସ୍ପଷ୍ଟ ଗୁରୁତ୍ୱ ରହିଛି। ଗ୍ରାହକମାନେ ଯେଉଁ ଅନୁଭୂତିକୁ ମୂଲ୍ୟ ଦିଅନ୍ତି, ସେଥିରେ




କୌଣସି ସାଲିସ୍ ନକରି ସେଗୁଡ଼ିକ ପାଇପାରିବା ଉଚିତ ବୋଲି ଆମର ବିଶ୍ୱାସ। ଏସ ୫ଜି ଓ ଇଭୋ ଆମ ସ୍ମାର୍ଟଫୋନ୍ ଯାତ୍ରାର ଆରମ୍ଭ ଏବଂ ଭାରତର ଅଧିକରୁ ଅଧିକ ଗ୍ରାହକଙ୍କ ପାଖରେ ଏହି ଦୃଷ୍ଟିକୋଣ ପହଂଚାଇବାକୁ ଆମେ ଆଶାବାଦୀ। ବୋଲ୍ଟ ଏସ ୫ଜିରେ ୟୁନିସୋକ ଟି୮୨୦୦ ଅକ୍ଟା-କୋର୍ ପ୍ରୋସେସର୍ ରହିଛି। ଏହା ୫,୪୭,୦୦୦ରୁ ଅଧିକ ଏନଟୁଟୁ ସ୍କୋର ସହ ୪ଜିବି ରାମ ଓ ୬୪ଜିବି ଷ୍ଟୋରେଜ୍‌ରେ ଉପଲବ୍ଧ। ଆପ୍ ବଦଳାଇବା, ବ୍ରାଉଜିଂ, ଷ୍ଟ୍ରିମିଂ ଓ କଂଟେଟ ପରିଚାଳନା ଭଳି ଦୈନନ୍ଦିନ କାର୍ଯ୍ୟରେ ସ୍ମୁଥ୍ ପରଫର୍ମାନ୍ସ ଦେବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଫଟୋଗ୍ରାଫି ପାଇଁ ଏସ ୫ଜିରେ ୬୪ ଏମ୍ପି ଏଆଇ ମେନ୍ କ୍ୟାମେରା ଓ ରିଅଲ ଟୋନ ସହ ୮ଏମ୍ପି ଫ୍ରଂଟ କ୍ୟାମେରା ରହିଛି। ଡିଭାଇସ୍‌ରେ ଟାଇପ -ସି ପୋର୍ଟ ଜରିଆରେ ୧୮ ୱାଟ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି ଏବଂ ବକ୍ସରେ ୧୮ୱାଟ ଚାର୍ଜର୍ ମଧ୍ୟ ମିଳିବ। ଡେ-୧ ଅଫରରେ ଏହି ତିନିଟି ଭାରିଆଂଟ ଯଥାକ୍ରମେ ୧୨,୯୯୯, ୧୩,୯୯୯ ଓ ୧୪,୯୯୯ ଟଙ୍କାରେ ଉପଲବ୍ଧ ହେବ। ବୋଲ୍ଟ ଇଭୋରେ ୟୁନିସୋକ ଟି୭୨୫୦ ଅକ୍ଟା-କୋର୍ ପ୍ରୋସେସର୍ ରହିଛି। ଏହା ସର୍ବାଧିକ ୪ଜିବି ରାମ ଓ ୬୪ ଜିବି ଷ୍ଟୋରେଜ୍ ସହ ଉପଲବ୍ଧ ହେବ, ଯାହା ଦୈନନ୍ଦିନ ମଲ୍ଟିଟାସ୍କିଂ, ମନୋରନ ଓ କନେକ୍ଟିଭିଟି ପାଇଁ ଦକ୍ଷ ପ୍ରଦର୍ଶନ ପ୍ରଦାନ କରିବ। ଫଟୋଗ୍ରାଫି ପାଇଁ ଇଭୋରେ ୫୦ ଏମ୍ପି ଏଆଇ ମେନ୍ କ୍ୟାମେରା, ୨ ଏମ୍ପି ମାକ୍ରୋ ଲେନ୍ସ ଏବଂ ରିଅଲ ଟୋନ ସହ ୮ଏମ୍ପି ଫ୍ରଂଟ କ୍ୟାମେରା ରହିଛି। ଡେ-୧ ଅଫରରେ ଏହି ଭାରିଆଂଟଗୁଡ଼ିକ ଯଥାକ୍ରମେ ୯,୯୯୯ ଓ ୧୦,୯୯୯ ଟଙ୍କାରେ ଉପଲବ୍ଧ ହେବ। ଉଭୟ ସ୍ମାର୍ଟଫୋନ୍ ୧ ସେପ୍ଟେମ୍ବର ୨୦୨୬ ଦିନ ୧୨ଟାରୁ କେବଳ ଫ୍ଲିପକାର୍ଟରେ ବିକ୍ରି ପାଇଁ ଉପଲବ୍ଧ ହେବ। ଏସ ୫ଜି ଓ ଇଭୋ ଜରିଆରେ ବୋଲ୍ଟ ସ୍ମାର୍ଟଫୋନ୍ ବର୍ଗରେ ଏହାର ଗ୍ରାହକ-ପ୍ରଥମ ଦୃଷ୍ଟିକୋଣ ନେଇ ପ୍ରବେଶ କରିଛି। ଭାରତୀୟ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାସଙ୍ଗିକ ପ୍ରଯୁକ୍ତି, ସ୍ୱତନ୍ତ୍ର ଡିଜାଇନ୍ ଓ ସୁଲଭ ଅନୁଭୂତିର ସମନ୍ୱୟ କରାଯାଇଛି।

# ଦେଶର ଅଗ୍ନିବୀର ପରୀକ୍ଷାରେ ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀରେ ସଫଳତା ପାଇଥିବା ପ୍ରାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ସଭା

**ଭୁବନେଶ୍ୱର,୨୭।୮ (ନି.ପ୍ର):** ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ (ଓଯେପିଟି)ଦ୍ୱାରା ପରିଚାଳିତ ଓଡିଶା ଯୁବ ପ୍ରଶିକ୍ଷଣ ଏକାଡେମୀପକ୍ଷରୁ ଅଗ୍ନିବୀର ପରୀକ୍ଷାରେ ସଫଳତା ହାସଲ କରିଥିବା ଯୁବ ପ୍ରାର୍ଥୀମାନଙ୍କୁ ଅଗଷ୍ଟ ୨୬ ତାରିଖଦିନ କଟକର ନରଣପୁର, ବାରଙ୍ଗଠାରେ ଥିବା ଏକାଡ ?ମୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ସମ୍ମାନିତ କରାଯାଇଛି। ଓଯେପିଟିର ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀର ୨୦୨୬ ମସିହାର ପ୍ରଥମ ବ୍ୟାଚ୍‌ରେ ପ୍ରାର୍ଥୀମାନେ ଭାରତୀୟ ସେନାର ଅଗ୍ନିବୀର ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ୧୦୦% ସଫଳତା ହାସଲ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର୍ , ଶ୍ରୀଯୁକ୍ତସନ୍ତୋଷ କୁମାର ଶତପଥୀ, ଏକ୍ସ ମେମ୍ବର ଅଫ୍ ଷ୍ଟେଟ୍ ୱମେନ୍ କମିଶନ୍ ଓଡ଼ିଶା , ଶ୍ରୀମତୀ ନମ୍ରତା ଚଢ଼ା,ଡାଇରେକ୍ଟର ଆଇ.ଆଇ.ଜି ଭାରସିଟି, ଶ୍ରୀଯୁକ୍ତଅଦିତ୍ ଜେନା,ପୂର୍ବତନ ଏନ୍. ସି. ସି. ଗ୍ରୁପ୍ କମାଣ୍ଡର୍ ଏବଂ ସିନିୟର୍ ଆର୍ମୀ ଅଫିସର୍, କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁସମେତ ସମ୍ମାନୀତ ଅତିଥି ମାନେ ଉପସ୍ଥିତ ଥିଲେ। ଆୟୋଜିତ ଏହି ସମାରୋହରେ ଛାତ୍ରଛାତ୍ରୀ, ଅଭିଭାବକ, ପ୍ରଶିକ୍ଷକ ଓ ଶୁଭେଚ୍ଛୁ ମାନଙ୍କ ଉପସ୍ଥିତିରେ ସମ୍ମାନୀତ ଅତିଥିମାନେ ସଫଳତା ପାଇଥିବା ପ୍ରାର୍ଥୀମାନଙ୍କର ପରିଶ୍ରମ, ଶୃଙ୍ଖଳା ଓ ସମର୍ପଣକୁ ପ୍ରଶଂସା କରିଥିଲେ। ଓଯେପିଟିର ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀର୨୦୨୬ର ପ୍ରଥମ ବ୍ୟାଚ୍‌ରେ ସମସ୍ତ ପ୍ରାର୍ଥୀ, ଯେଉଁମାନେ ଅଗ୍ନିବୀର ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲେ, ସମସ୍ତେ ଯୋଗ୍ୟତା ହାସଲ କରିଛନ୍ତି।

ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟର ଅଧକ୍ଷ ଶ୍ରୀ ସୁରେନ୍ଦ୍ର କୁମାର ସ୍ୱାଇଁ ସଫଳତା ପାଇଥିବା ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ




ଜଣାଇବା ସହିତ ସେମାନଙ୍କର ପରିଶ୍ରମ, ଅଭିଭାବକ ମାନଙ୍କ ସହଯୋଗ ଏବଂ ପ୍ରଶିକ୍ଷକ ମାନଙ୍କ ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ। ଯୁବପିଢ଼ିମାନଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବାରେ ଶୃଙ୍ଖଳା, ଦୃଢ଼ ମନୋବଳ ଓ ନିରନ୍ତର ପରିଶ୍ରମଉପରେ ଗୁରୁତ୍ୱାରୋପ କରିଥିଲେ।ଓଡ଼ିଶାର ଯୁବପିଢ଼ିମାନଙ୍କ ସଶକ୍ତିକରଣ, ନିଯୁକ୍ତି ଓ ସାମାଜିକ ବିକାଶ ଦିଗରେ ଏଭଳି ପ୍ରୟାସକୁ ମିଳୁଥିବା ସମସ୍ତସହଯୋଗ ଓ ଉତ୍ସାହ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଭବିଷ୍ୟତରେ ମଧ୍ୟ ଅଧିକ ଯୁବକଯୁବତୀ ମାନଙ୍କୁ ସଶସ୍ତ୍ର ବାହିନୀ, ବିଭିନ୍ନ ୟୁନିଫର୍ମଡ୍ ସର୍ଭିସ୍ ଓ ସରକାରୀ ଚାକିରି ପାଇଁ ଉତ୍ତମ ପ୍ରଶିକ୍ଷଣମାର୍ଗଦର୍ଶନ ପ୍ରଦାନ କରିବା ସହିତ ସାମାଜିକ ସେବା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଓଯେପିଟିପ୍ରତିବଦ୍ଧ ବୋଲି ସେ କହିଥିଲେ। ଯୁବ ପ୍ରଶିକ୍ଷଣ ଏକାଡେମୀରେ ଗତ ୧୮ ମାସ ମଧ୍ୟରେ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ସରକାରୀ ଚାକିରି ହାସଲ କରିବା ସହିତ ବିଭିନ୍ନ ୟୁନିଫର୍ମଡ୍ ସର୍ଭିସ୍‌ରେ ନିଯୁକ୍ତ ପାଇଛନ୍ତି। ଏହା ସହିତ ୩୦ ଜଣ ଛାତ୍ର ଅଧିକାରୀ ଭାବେ ସଶସ୍ତ୍ର ବାହିନୀରେ ଯୋଗଦାନ କରିଛନ୍ତି।ଏଥି ସହିତ ଯୁବପିଢ଼ିମାନଙ୍କୁ ରୋଜଗାର ଓ ଆତ୍ମନିର୍ଭରଶୀଳତାର ସୁଯୋଗ ପ୍ରଦାନ ସହିତ ଓଯେପିଟିରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ସଶକ୍ତିକରଣ, ଯୁବପିଢିମାନଙ୍କୁ ନିଯୁକ୍ତି ଓ ସାମାଜିକ ସେବା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସକ୍ରିୟ ଭାବେ ଜଡ଼ିତ ରହିଆସିଛି। ସମାଜର ବିଭିନ୍ନ ବର୍ଗର ଯୁବକଯୁବତୀମାନଙ୍କୁ ସୁଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରି ସେମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଓଯେପିଟିନିରନ୍ତର କାର୍ଯ୍ୟ କରିଆସୁଅଛି। ସମାରୋହର ଶେଷରେ ସଫଳତା ପାଇଥିବା ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତର ଆଶାୟୀମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ ଦୃଢ଼ ସଂକଳ୍ପ ସହ ନିଜ ଲକ୍ଷ୍ୟ ଦିଗରେ ଆଗେଇ ଯିବାକୁ ଆହ୍ୱାନ କରାଯାଇଥିଲା।ଉପସ୍ଥିତ ଥିବା ସମ୍ମାନିତ ଅତିଥି ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରି ସମାରୋହ ସମାପ୍ତ କରାଯାଇଥିଲା ।

# ହେୟାର ଅଏଲ୍ ବ୍ରାଣ୍ଡଡାବର ଆମଲା ହେୟାର ଅଏଲ୍ ପକ୍ଷରୁ ରକ୍ଷାବନ୍ଧନ ଅବସରରେ ନୂଆ ଡିଜିଟାଲ୍ ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୨୭।୮ (ନି.ପ୍ର):** ଭାରତର ଏକ ବିଶ୍ୱସନୀୟ ହେୟାର ଅଏଲ୍ ବ୍ରାଣ୍ଡଡାବର ଆମଲା ହେୟାର ଅଏଲ୍ ପକ୍ଷରୁଏହିରକ୍ଷାବନ୍ଧନ ଅବସରରେ ଏକ ନୂଆଡିଜିଟାଲ୍ ଅଭିଯାନ ଆରମ୍ଭ କରାଯାଇଛି।ଲୋକପ୍ରିୟ କ୍ରିଏଟର୍ ଭାଇ-ଭଉଣୀ ଆଓ୍ୱେଜ୍ ଦରବାର ଓ ଅନମ୍ ଦରବାରଙ୍କୁ ନେଇ ପ୍ରସ୍ତୁତଏହି ଅଭିଯାନରେ ଭାଇ-ଭଉଣୀଙ୍କ ମଧ୍ୟରେ ଥିବାମଜାମସ୍ତିସହ ଦୃଢ଼ ଓ ଅତୁଟ ସମ୍ପର୍କକୁଉପସ୍ଥାପନ କରାଯାଇଛି। ଏହି ଅଭିଯାନରେ ଜେନ୍-ଜେଡ୍ ପିଢ଼ି ପାଇଁରକ୍ଷାବନ୍ଧନକୁ ଏକ ନୂଆଢଙ୍ଗରେ ଉପସ୍ଥାପନ କରାଯାଇଛି। ସଙ୍ଗୀତ, ନୃତ୍ୟ ଓ




ମଜାଦାର ଥଟ୍ଟା-ପରିହାସମାଧ୍ୟମରେ ଦେଖାଯାଇଛି ଯେ, ଭାଇ-ଭଉଣୀମାନେ ପରସ୍ପରଙ୍କୁ ସବୁବେଳେ ଥଟ୍ଟା କରନ୍ତି, ଚ୍ୟାଲେ କରନ୍ତି ଏବଂ ଜଣେ ଅନ୍ୟଜଣଙ୍କୁ ପଛରେ ପକାଇବାକୁ ଚେଷ୍ଟା କରନ୍ତି। ହେଲେ ଆବଶ୍ୟକ ସମୟରେ ସେମାନେ ପରସ୍ପର ପାଇଁ ସବୁବେଳେ ଠିଆ ହୋଇଥାନ୍ତି।ଡାବର ଆମଲାର 'ମଜବୁତି'ରମୂଳ ଭାବନାକୁ ଆଧାର କରି ପ୍ରସ୍ତୁତଏହି ଅଭିଯାନରେ ଭାଇ-ଭଉଣୀଙ୍କ ଦୃଢ଼ସମ୍ପର୍କକୁ ପ୍ରାଧାନ୍ୟ ଦିଆଯାଇଥିବାବେଳେ, ମଜବୁତ କେଶ ସହ ଡାବର ଆମଲାର ଦୀର୍ଘଦିନର ସମ୍ପର୍କକୁ ମଧ୍ୟ ଦୃଢ଼କରାଯାଇଛି। ଅଭିଯାନ ସମ୍ପର୍କରେ ମତରଖି ଡାବର ଇଣ୍ଡିଆ ଲିମିଟେଡ୍‌ର ହେୟାର କେୟାର୍ ବିଭାଗର ମାର୍କେଟିଂ ମୁଖ୍ୟ ଅଙ୍କୁର କୁମାର କହିଛନ୍ତି, 'ଡାବର ଆମଲା ପାଇଁ' ମଜବୁତି' ସବୁବେଳେ ଆମ ବ୍ରାଣ୍ଡରମୂଳ ପ୍ରତିଶ୍ରୁତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଆସିଛି। ଏହି ରକ୍ଷାବନ୍ଧନରେ ଆମେ 'ମଜବୁତି'ର ଏହି ଭାବନାକୁ କେବଳ ମଜବୁତ କେଶ ମଧ୍ୟରେ ସୀମିତ ନରଖି, ଜୀବନର ଅନ୍ୟତମ ମୂଲ୍ୟବାନ ସମ୍ପର୍କ-ଭାଇ-ଭଉଣୀଙ୍କମଧ୍ୟରେ ଥିବା ଦୃଢ଼ ବନ୍ଧନକୁ ମଧ୍ୟ ପାଳନ କରିବାକୁଚାହିଁଛୁ।

# ଜାତୀୟ ଆର୍ଥିକ ସାକ୍ଷରତା କୁଇଜରେ ଆଇଆଇଏମଟି'ର ସଫଳତା

**ଭୁବନେଶ୍ୱର, ୨୭।୮ (ନି.ପ୍ର) :** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସିକ୍ୟୁରିଟିଜ୍ ମାର୍କେଟ୍ସ (ଏନଆଇଏସଏମ) ଦ୍ୱାରା ପରିଚାଳିତ ଜାତୀୟ ଆର୍ଥିକ ସାକ୍ଷରତା କୁଇଜ୍ ୨୦୨୬ ରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଆଇଆଇଏମଟି ଚେୟାରମ୍ୟାନ ଡ.ଶ୍ରୀକାନ୍ତ ପଟ୍ଟନାୟକ ଓ ନିର୍ଦ୍ଦେଶକ ପ୍ରଫେସର ଡ.ଜୟଦେବ କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସଫଳତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସଚେତନତା, ବିଶ୍ଳେଷଣାତ୍ମକ କ୍ଷମତା ଏବଂ ପ୍ରତିଯୋଗିତାମୂଳକ ଉତ୍କର୍ଷତା ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜାତୀୟ ଆର୍ଥିକ ସାକ୍ଷରତା କୁଇଜ୍ ୨୦୨୬ ର ରାଉଣ୍ଡ-୧ ରେ, ପୂର୍ବାଞ୍ଚଳରୁ ମୋଟ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯେଉଁମାନଙ୍କ ମଧ୍ୟରେ ଆଇଆଇଏମଟି ଭୁବନେଶ୍ୱରର ଚାରି ଜଣ ଛାତ୍ର କଲେଜ ବିଜେତା ଭାବରେ ଉଭା ହୋଇଥିଲେ। ସଫଳ ଛାତ୍ରଙ୍କ ମଧ୍ୟରେ ଦୁଇଜଣ ଏମବିଏ ଛାତ୍ର, ଅନୁଭବ ପ୍ରଧାନ ଏବଂ ସତ୍ୟବ୍ରତ ତ୍ରିପାଠି ଏବଂ ଦୁଇଜଣ ଏମସିଏ ଛାତ୍ର, ଜଳଧାର ମହନ୍ତ ଏବଂ ସର୍ବ ?ଶ୍ୱର ବାରିକ ଅନ୍ତର୍ଭୁକ୍ତ ଥିଲେ। ରାଉଣ୍ଡ-୧ରେ ସଫଳତା ପରେ, ମନୋନୀତ ଛାତ୍ରଛାତ୍ରୀମାନେ ଷ୍ଟେଜ୍ ରାଉଣ୍ଡ କୁଇଜ୍ ?ରେ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ୨୪ଟି କଲେଜକୁ ପରବର୍ତ୍ତୀ ସ୍ତରର ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା ଯାହା ୨୩ ଅଗଷ୍ଟ, ୨୦୨୬ରେ ପଶ୍ଚିମବଙ୍ଗର କୋଲକାତାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ସହିତ କଲେଜର ପରାମର୍ଶଦାତା ପି. ସାଇ ଶୁଭମ, ସହାୟକ ପ୍ରଫେସର, ଏମବିଏ ବିଭାଗ ଏବଂ ଦିଲୀପ ବେହେରା, ସହାୟକ ପ୍ରଫେସର,ଏମସିଏ ବିଭାଗ ମଧ୍ୟ ଉପସ୍ଥିତ ଥିଲେ। ଅସାଧାରଣ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରି ଛାତ୍ର ଅନୁଭବ ପ୍ରଧାନ ଏବଂ ସତ୍ୟବ୍ରତ ତ୍ରିପାଠି ସେମାନଙ୍କ ଷ୍ଟେଜ୍ ରାଉଣ୍ଡ ଗ୍ରୁପ୍ ?ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସେମାନଙ୍କୁ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ସ୍ଥାନ ଦେଇଛି, ଯାହା ଏନଆଇଏସଏମ ପାତାଳଗଙ୍ଗା କ୍ୟାମ୍ପସ୍, ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଯାଉଛି। ଜାତୀୟ ସ୍ତରରେ ସେମାନଙ୍କର ଚୟନ ଆଇଆଇଏମଟି ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆର୍ଥିକ ସାକ୍ଷରତା ଏବଂ ସିକ୍ୟୁରିଟିଜ୍-ବଜାର ସଚେତନତା କ୍ଷେତ୍ରରେ ଏହାର ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଏବଂ ସମ୍ଭାବନାକୁ ପ୍ରଦର୍ଶନ କରୁଛି। ଏହି ସଫଳତାକୁ ଆଇଆଇଏମଟି ଭୁବନେଶ୍ୱରର ପରିଚାଳନା, ଅଧ୍ୟାପକ ଏବଂ ଛାତ୍ରମାନେ ଉଚ୍ଚ ପ୍ରଶଂସା କରିଥିଲେ। ଅନୁଷ୍ଠାନ ଅନୁଭବ ପ୍ରଧାନ, ସତ୍ୟବ୍ରତ ତ୍ରିପାଠି, ଜଳଧାର ମହନ୍ତ ଏବଂ ସର୍ବ ?ଶ୍ୱର ବାରିକଙ୍କୁ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛି ଏବଂ ଆଗାମୀ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅନୁଭବ ଏବଂ ସତ୍ୟବ୍ରତଙ୍କ ସଫଳତା କାମନା କରିଛି। ଜାତୀୟ ଆର୍ଥିକ ସାକ୍ଷରତା କୁଇଜ୍ ୨୦୨୬ ରେ ଆଇଆଇଏମଟି ଛାତ୍ରମାନଙ୍କ ସଫଳତା ଅନୁଷ୍ଠାନର ବ୍ୟବହାରିକ ଶିକ୍ଷା, ଆର୍ଥିକ ସଚେତନତା, ପ୍ରତିଯୋଗିତାମୂଳକ ଅଂଶଗ୍ରହଣ ଏବଂ ସାମଗ୍ରିକ ଛାତ୍ର ବିକାଶ ଉପରେ ଗୁରୁତ୍ୱର ପ୍ରମାଣ ସ୍ୱରୂପ।

# ମେକମାଇଟ୍ରିପ ଓ ଆକ୍ସିସ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଭ୍ରମଣ ଲାଭର ଶୁଭାରମ୍ଭ

**ଭୁବନେଶ୍ୱର, ୨୭।୮ (ନି.ପ୍ର) :** ଲମ୍ବା ସପ୍ତାହନ୍ତ ଓ ଗୁରୁତ୍ୱପୂର୍ଣ୍ଣ ଛୁଟିଦିନ ଭ୍ରମଣ ସମୟରେ ସ୍ୱତନ୍ତ୍ର ଭ୍ରମଣ ଲାଭ ପ୍ରଦାନ କରିବା ପାଇଁ ମେକମାଇଟ୍ରିପ ଓ ଆକ୍ସିସ ବ୍ୟାଙ୍କ ପକ୍ଷରୁ ସହଯୋଗିତା ଘୋଷଣା କରାଯାଇଛି। ଭାରତର ଲମ୍ବା ସପ୍ତାହନ୍ତ କ୍ୟାଲେଣ୍ଡରକୁ ନଜରରେ ରଖି ଏହି କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରାଯାଇଛି ଯାହା ବାରମ୍ବାର ଭ୍ରମଣ କରୁଥିବା ଲୋକମାନଙ୍କୁ ବର୍ଷତମାମ ଲାଭ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଡୋମେଷ୍ଟିକ ଓ ଅନ୍ତର୍ଜାତୀୟ ବିମାନ ଯାତ୍ରା, ହୋଟେଲ, ହଲିଡେ, ଟୁର, ବସ ଓ କ୍ୟାବ ଆଦି ରହିଛି ଯାହା ଯାତ୍ରୀମାନଙ୍କୁ ନିଜ ଭ୍ରମଣ ଯୋଜନା ପ୍ରସ୍ତୁତ କରିବାରେ ସକ୍ଷମ କରିବ। ପ୍ରତି ଲମ୍ବା ସପ୍ତାହନ୍ତ ପାଇଁ ଛୁଟିଦିନ ଅବଧି ଆରମ୍ଭ ହେବା ପୂର୍ବରୁ ଏକ ବୁକିଂ ୱିଣ୍ଡୋ ଖୋଲିବ ଯାହା ଗ୍ରାହକମାନଙ୍କୁ ବିଭିନ୍ନ

AXIS BANK

ଭ୍ରମଣ ବର୍ଗରେ ସ୍ୱତନ୍ତ୍ର ଲାଭ ଓ ଅଫର ପ୍ରଦାନ କରିବ। ଆକ୍ସିସ ବ୍ୟାଙ୍କର ଗ୍ରୁପ୍ ହେଡ୍ (ଏକ୍ୱାୟରିଂ ଓ କାର୍ଡସ୍) ବିନୀତ ବଜାଜ୍ କହିଛନ୍ତି ଯେ, "ଭ୍ରମଣ ଆମ ପାଇଁ ଏକ ମୁଖ୍ୟ କ୍ଷେତ୍ର ହୋଇ ରହିଛି, କାରଣ ଗ୍ରାହକମାନେ ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚରୁ ଅର୍ଥପୂର୍ଣ୍ଣ ଅନୁଭୂତି ଓ ଅଧିକ ମୂଲ୍ୟ ଚାହୁଁଛନ୍ତି। ଲମ୍ବା ସପ୍ତାହାନ୍ତଗୁଡ଼ିକ ଭ୍ରମଣ ପାଇଁ ଉତ୍ତମ ସୁଯୋଗ ଏବଂ ଲୋକମାନେ ବର୍ଷ ସାରା ଛୋଟ ଛୋଟ ଛୁଟି ବିତାଇ ଏହାର ପୂରା ଫାଇଦା ଉଠାଉଛନ୍ତି। ମେକମାଇଟ୍ରିପ୍ ସହିତ ଆମର ସହଯୋଗିତା ମାଧ୍ୟମରେ ଆମେ ସମୟୋପଯୋଗୀ ଓ ପ୍ରାସଙ୍ଗିକ ଲାଭ ଆଣୁଛୁ ଯାହା ଆମର କାର୍ଡଧାରୀମାନଙ୍କ ପାଇଁ ଭ୍ରମଣ ଯୋଜନାକୁ ଅଧିକ ଫଳପ୍ରଦ ଏବଂ ସୁଲଭ କରିବ। ଏହି ସହଯୋଗିତା ସ୍ୱତନ୍ତ୍ର ଭ୍ରମଣ ଅନୁଭୂତି ଯୋଗାଇବା ଏବଂ ଗ୍ରାହକମାନେ ସେମାନଙ୍କ ଅକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡରୁ ପାଉଥିବା ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।" ମେକମାଇଟ୍ରିପର ଚିଫ୍ ଅପରେଟିଂ ଅଫିସର (ଫ୍ଲାଇଟସ୍, କର୍ପୋରେଟ୍, ଜିସିସି ଏବଂ ମାର୍କେଟିଂ) ରାଜ ଋଷି ସିଂହ କହିଛନ୍ତି ଯେ, "ମାର୍କେଟିଂ ବର୍ତ୍ତମାନ କେବଳ ବଡ଼ ଆୱାଜ୍‌ରେ ନୁହେଁ, ବରଂ ସଠିକ୍ ସମୟ ଉପରେ ଆଧାରିତ ହେଉଛି। ଆକ୍ସିସ୍ ବ୍ୟାଙ୍କ ସହିତ ଏହି ଭାଗିଦାରୀ ସେହି ପରିବର୍ତ୍ତନକୁ ଦର୍ଶାଉଛି, ଯାହା କେବଳ ଆମେ ଚାହୁଁଥିବା ସମୟରେ ନୁହେଁ, ବରଂ ଯାତ୍ରୀ ଯେତେବେଳେ ନିଷ୍ପତ୍ତି ନେଉଛନ୍ତି ସେହି ସଠିକ୍ ସମୟରେ ପ୍ରକୃତ ମୂଲ୍ୟ ପ୍ରଦାନ କରୁଛି।" ଏହି ଅଫରର ଅଂଶ ସ୍ୱରୂପ ମେକମାଇଟ୍ରିପରେ ବୁକିଂ କରୁଥିବା ଓ ଅକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ପେମେଂଟ କରୁଥିବା ଯାତ୍ରୀମାନେ ଘରୋଇ ବିମାନ ଯାତ୍ରାରେ ସିଧାସଳଖ ୧୦% ତୁରନ୍ତ ଛାଡ଼ (ସର୍ବାଧିକ ୧,୮୦୦ ଟଙ୍କା ପର୍ଯ୍ୟନ୍ତ) ଏବଂ ଘରୋଇ ହୋଟେଲ ବୁକିଂରେ ୧୫% ପର୍ଯ୍ୟନ୍ତ ତୁରନ୍ତ ଛାଡ଼ (ସର୍ବାଧିକ ୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ।

# ଆମାଜନ ଡଟ୍ ଇନରେ ବେଷ୍ଟ ଇନ ଟେକ୍ ସର୍ଭେ ଫଳାଫଳ ପ୍ରକାଶ

**ଭୁବନେଶ୍ୱର, ୨୭।୮ (ନି.ପ୍ର) :** ଆମାଜନ ପକ୍ଷରୁ ଆଜି ଉଦ୍‌ଘାଟନୀ ବେଷ୍ଟ ଇନ ଟେକ୍ ସର୍ଭେର ଫଳାଫଳର ୨ୟ ସେଟ୍ ପ୍ରକାଶ କରାଯାଇଛି। ଏହି ସର୍ଭେ ଅନୁଯାୟୀ ସ୍ମାର୍ଟଫୋନ୍ ଫଳାଫଳ ଏଆଇକୁ ଏକ ମୌଳିକ ଆକାଂକ୍ଷା ଭାବେ ପ୍ରକାଶ କରିଥିବା ବେଳେ କମ୍ପ୍ୟୁଟିଂ ବର୍ଗ ଏଆଇ ଉତ୍ସାହୀଙ୍କ ମଧ୍ୟରେ ଶୀର୍ଷରେ ରହିଛି। ପ୍ରୋସେସର୍ କାର୍ଯ୍ୟଦକ୍ଷତା ହେଉଛି ଲାପଟପ୍ କ୍ରେତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରୟ ପରିଚାଳକ କାରଣ ୮୭% ଉତରଦାତା ଏହାକୁ ପ୍ରଥମ ସ୍ଥାନରେ ରଖିଛନ୍ତି। ଏଠାରେ ସର୍ବେକ୍ଷଣ କରାଯାଇଥିବା ଯେକୌଣସି ବର୍ଗ ଅପେକ୍ଷା ଏଆଇ ଉତ୍ସାହୀଙ୍କ ସଂଖ୍ୟା ସର୍ବାଧିକ ରହିଛି। ୫୮% ଲାପଟପ୍ କ୍ରେତା ଆଗାମୀ ଏଆଇ ଫିଚରଗୁଡ଼ିକୁ ସେମାନଙ୍କର ଉତ୍ପାଦକତା ପାଇଁ 'ଅତ୍ୟ' ଉପଯୋଗୀ' ବୋଲି କହିଛନ୍ତି। ଟାବଲେଟ୍ କ୍ରେତାଙ୍କ ପାଇଁ ମଧ୍ୟ ପ୍ରାଥମିକତା ସମାନ ରହିଛି ଏବଂ ୭୪% ଡିସ୍‌ପ୍ଲେ କ୍ୱାଲିଟିକୁ ପ୍ରଥମ ସ୍ଥାନରେ ରଖିଛନ୍ତି। ସମସ୍ତ ପ୍ରମୁଖ କ୍ୟୁମ୍ୟର ଇଲେକ୍ଟ୍ରୋନିକ୍ସ ବର୍ଗରେ ୪୦,୦୦୦ରୁ ଅଧିକ ପ୍ରତିକ୍ରିୟାରୁ ଏହି ଫଳାଫଳ ହାସଲ କରାଯାଇଛି ଏବଂ ଆମାଜନ ଡଟ୍ ଇନରେ ସିଲେକ୍ସନରେ ସାମିଲ କରାଯାଇଛି। ଏଥିସହିତ ବେଷ୍ଟ ଇନ୍ ଟେକ୍ ଆୱାର୍ଡ ପାଇଁ ମଧ୍ୟ କାର୍ଯ୍ୟସୂଚୀ ସ୍ଥିର କରାଯିବ ଯାହା ଆସନ୍ତା ସେପ୍ଟେମ୍ବର ୧୮, ୨୦୨୬ ରେ ଏହାର ଦ୍ୱିତୀୟ ସଂସ୍କରଣ ପାଇଁ ପୁଣିଥରେ ଫେରିବ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ ଜେବା ଖାନ୍ କହିଛନ୍ତି, 'ଲାପଟପ୍ ହେଉଛି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ସବୁଠାରୁ ଅଧିକ ଗବେଷଣା କରାଯାଇଥିବା ଉତ୍ପାଦ ମଧ୍ୟରୁ ଗୋଟିଏ। ଗ୍ରାହକମାନେ ଡିଭାଇସ୍ କିପରି ବ୍ୟବହାର କରିବେ ତାହା ଉପରେ ଆଧାର କରି ନିର୍ଦ୍ଦିଷ୍ଟ କନ୍‌ଫିଗରେସନ ଓଚକ୍ଷମତା ଖୋଜିଥାନ୍ତି ଏବଂ ଲୋକମାନେ ଅଧିକ ସମୟ ପାଇଁ ଲାପଟପ୍ ବ୍ୟବହାର କରୁଥିବାରୁ, ସେମାନେ କ୍ରୟ ପୂର୍ବରୁ ସମ୍ପୂର୍ଣ୍ଣ ତୁଳନା କରିଥାନ୍ତି। ସର୍ଭେ ଆମେ ଜାଣିବାକୁ ପାଇଛୁ ଯେ, ଏହି କ୍ରେତାମାନଙ୍କ ପାଇଁ ସ୍ପେସିଫିକେସନ ଏକ ବ୍ରାଣ୍ଡ ନାମ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା ପ୍ରତ୍ୟେକ ନିର୍ମାତାଙ୍କ ପାଇଁ ଏକ ରୋମାଂଚକର ସୁଯୋଗ। ଏଆଇ ମଧ୍ୟ ଏକ ସ୍ପଷ୍ଟ ଆବଶ୍ୟକତା ଭାବରେ ଉଭା ହୋଇଛି ଯାହା ଅନ୍-ଡିଭାଇସ୍ ଆସିଷ୍ଟାଂଟ ଏବଂ ଏଆଇ-ପ୍ରୋସେସିଂ ଚିପ୍ସକୁ ସେମାନଙ୍କ ୱିଶ୍ ଲିଷ୍ଟର ଶୀର୍ଷରେ ରଖିଛି। ବେଷ୍ଟ ଇନ୍ ଟେକ୍ ସର୍ଭେ ଆମକୁ ଗ୍ରାହକମାନଙ୍କଠାରୁ ସିଧାସଳଖ ସ୍ପଷ୍ଟ ତଥ୍ୟ ପ୍ରଦାନ କରିଛି ଏବଂ ବେଷ୍ଟ ଇନ୍ ଟେକ୍ ପୁରସ୍କାର ଆଗାମୀ ପାର୍ବଣ ଋତୁରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁଥିବା ବ୍ରାଣ୍ଡଗୁଡ଼ିକୁ ଚିହ୍ନଟ କରିବ।

# ପୋକୋ ପକ୍ଷରୁ ପୋକୋ ଏମ୮ଏକ୍ସ ୫ଜି ଶୁଭାରମ୍ଭ

**ଭୁବନେଶ୍ୱର, ୨୭।୮ (ନି.ପ୍ର) :** ସାଓମି ଇଣ୍ଡିଆ ପକ୍ଷରୁ ପୋକୋ ଏମ୮ଏକ୍ସ ୫ଜିର ଶୁଭାରମ୍ଭ କରାଯାଇଛି । ଯେଉଁଥିରେ ରହିଛି ନୂତନ କ୍ୱାଲକମ୍ ସ୍ନାପଡ୍ରାଗନ ୪ ଜେନ ୫ ପ୍ରୋସେସର ସହ ବିଶାଳ ୭୯୦୦ଏମଏଏଚ ବ୍ୟାଟେରୀ । ଯାହା ବ୍ୟବହାରକାରୀଙ୍କୁ ଲମ୍ବା ସମୟ ବ୍ୟବହାର କରିବାର ସ୍ୱାଧୀନତା ଦେଇଥାଏ ।ଏହାର ୪୫ୱାଟ ଦ୍ରୁତ ଚାର୍ଜିଙ୍ଗ ଦ୍ୱାରା ମୋବାଇଲକୁ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ଚାର୍ଜ କରାଯାଇ ପାରୁଥିବାବେଳେ, ୨୨.୫ୱାଟର ରିଭର୍ସ ଚାର୍ଜିଙ୍ଗ ଦ୍ୱାରା ମୋବାଇଲରୁ ଅନ୍ୟାନ୍ୟ ଉପକରଣ କିମ୍ବା ଅନ୍ୟ ସ୍ମାର୍ଟଫୋନକୁ ମଧ୍ୟ ଚାର୍ଜ କରିହେବ ।ଅନ୍ୟାନ୍ୟ ମୁଖ୍ୟ ଫିଚର ଗୁଡିକ ମଧ୍ୟରେ ରହିଛି ଆଇପି୬୪ ରେଟିଙ୍ଗ, କର୍ଣ୍ଣିଙ୍ଗ ଗୋରିଲା ଗ୍ଲାସ୭ଆଇ ସୁରକ୍ଷିତ ଡ଼ିସପ୍ଲେ, ବୃହତ ୬.୯-ଇଞ୍ଚ ୧୨୦ଏଚଜେଡ୍ ଯୁକ୍ତ ଡ଼ିସପ୍ଲେ । ଏହା ୬ଜିବି ରାମ ଏବଂ ୧୨୮ଜିବି ଷ୍ଟୋରେଜ ସହ ଉପଲବ୍ଧ ହେଉଥିବା ବେଳେ, ଏହାର ଷ୍ଟୋରେଜକୁ ୧ଟିବି ପର୍ଯ୍ୟ' ବୃଦ୍ଧି କରାଯାଇ ପାରିବ । ପୋକୋ ଏମ୮ଏକ୍ସ ୫ଜିର ଅନ୍ୟ ବିଶେଷତା ମଧ୍ୟରେ ଫ୍ଲିକର ସେନସର ସହିତ ୫୦ଏମପି ଏଆଇ ଡୁଆଲ-କ୍ୟାମେରା ସେଟ୍ଅପ ଯେବେକି ସେଲଫି ଏବଂ ଭିଡ଼ିଓ କଲ ପାଇଁ ଏଥିରେ ରହିଛି ୮ଏମପି ସମ୍ମୁଖଭାଗ କ୍ୟାମେରା ରହିଛି । ଏହାର ପଛ ପାନେଲରେ ଚମଡ଼ା ପରି ଫିନିସ ରହିଛି, ଯାହା ସ୍ମାର୍ଟଫୋନକୁ ପ୍ରିମିଅମ ଲୁକ ପ୍ରଦାନ କରିଥାଏ । ଏହି ପୋକୋ ଏମ୮ଏକ୍ସ ୫ଜି ଦୁଇଟି ଭାରିଏଣ୍ଟରେ ଉପଲବ୍ଧ ହେବେ, ୪ଜିବି+୧୨୮ଜିବି ଯୁକ୍ତ ଭାରିଏଂଟର ମୂଲ୍ୟ ୨୦,୯୯୯ ଟଙ୍କା ରହିଥିବା ବେଳେ ୬ଜିବି+୧୨୮ଜିବି ଭାରିଏଣ୍ଟର ମୂଲ୍ୟ ୨୨,୯୯୯ ଟଙ୍କା ରହିଛି । ବଜାର ପ୍ରବେଶ ଅଫରର ଅଂଶବିଶେଷ ଭାବରେ ଗ୍ରାହକମାନେ ବିକ୍ରୟର ପ୍ରଥମ ଦିନରେ ୨,୦୦୦ ଟଙ୍କାର କୁପନ ମୂଲ୍ୟ ସହିତ ଏହି ସ୍ମାର୍ଟଫୋନର ନୂତନ ପ୍ରଭାବୀ ମୂଲ୍ୟ କ୍ରମାନ୍ୱୟରେ ୧୮,୯୯୯ ଟଙ୍କା ଏବଂ ୨୦,୯୯୯ ଟଙ୍କାରେ ପାଇପାରିବେ ।

# ଜିଓର ୧୦ ବର୍ଷ ମଧ୍ୟରେ ଇଣ୍ଟରନେଟ୍ ସ୍ପିଡ୍ ୨୭ ଗୁଣ ବୃଦ୍ଧି ପାଇଛି

**ଭୁବନେଶ୍ୱର, ୨୭।୮ (ନି.ପ୍ର):** ଗୋଟିଏ ସମୟ ଥିଲା ଯେତେବେଳେ ମୋବାଇଲ୍ ଖର୍ଚ୍ଚ ସଞ୍ଚୟ କରିବା ପାଇଁ 'ମିସ୍ଡ କଲ୍' ବ୍ୟବହାର କରାଯାଉଥିଲା - ଘରେ ପହଞ୍ଚିବାର ସଙ୍କେତ ଦେବା ପାଇଁ କିମ୍ବା କଥା ହେବାର ଇଚ୍ଛା ଜଣାଇବା ପାଇଁ ଏକ ମିସ୍ଡ କଲ୍। ଏପରିକି ଇଣ୍ଟରନେଟ୍ ବ୍ୟବହାର ଶେଷ ମେଗାବାଇଟ୍ ପର୍ଯ୍ୟନ୍ତ ଟ୍ରାକ୍ କରାଯାଉଥିଲା। ଦଶ ବର୍ଷ ପରେ, ଭିଡିଓ କଲ୍, ଡିଜିଟାଲ୍ ପେମେଣ୍ଟ, ଓଟିଟି ଷ୍ଟ୍ରିମିଂ, ଅନଲାଇନ୍ ଶିକ୍ଷା, ୱାର୍କ ଫ୍ରମ ହୋମ ଏବଂ ସେହି ସମାନ ମୋବାଇଲ୍ ଡିଭାଇସରେ ଅନଲାଇନ୍ ସପିଂ ଦୈନନ୍ଦିନ ଜୀବନର ଅଂଶ ପାଲଟିଛି। ସେପ୍ଟେମ୍ବର ୫ ରେ ରିଲାଏନ୍ସ ଜିଓ ଲଞ୍ଚ ହେବାର ଦଶ ବର୍ଷ ପୂରଣ ହେଉଛି। ଏହି ଦଶନ୍ଧି ମଧ୍ୟରେ, ଭାରତୀୟ ମୋବାଇଲ୍ ବଜାର ମହଙ୍ଗା, କମ୍ ବ୍ୟବହୃତ ଡାଟାରୁ ସୁଲଭ, ପ୍ରଚୁର ଡାଟାକୁ ପରିବର୍ତ୍ତନ ହୋଇଛି। ଗତି ବହୁଗୁଣିତ ହୋଇଛି, ଏବଂ ପ୍ରତି ଗ୍ରାହକଙ୍କ ମାସିକ ବ୍ୟବହାର ବର୍ତ୍ତମାନ ୨୬ ଗିଗାବାଇଟରୁ ଅଧିକରେ ପହଞ୍ଚିଛି। ଏହି ଦଶ ବର୍ଷ ମଧ୍ୟରେ, ଡାଟା ଗତି, ମୂଲ୍ୟ ଏବଂ ବ୍ୟବହାରର ଦୃଶ୍ୟପଟ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଛି। ୨୦୧୬ ରେ, ଭାରତରେ ହାରାହାରି ମୋବାଇଲ୍ ଡାଉନଲୋଡ୍ ଗତି ପ୍ରାୟ ୨.୫ ଏମବିପିଏସ ରହିଥିବା ବେଳେ ଡିସେମ୍ବର ୨୦୨୫ ସୁଦ୍ଧା, ଏହା ୨୭ ଗୁଣରୁ ଅଧିକ ବୃଦ୍ଧି ପାଇ ୬୮ ଏମବିପିଏସ ଅତିକ୍ରମ କରିଛି। ସେହି ସମୟ ମଧ୍ୟରେ, ୧ ଜିବି ଡାଟାର ହାରାହାରି ମୂଲ୍ୟ ୨୨୮ ଟଙ୍କାରୁ ୮ ଟଙ୍କାକୁ ହ୍ରାସ ପାଇଛି - ଯାହା ଡାଟାକୁ ପ୍ରାୟ ୨୯ ଗୁଣ ଶସ୍ତା କରିଛି। ଡାଟା ବ୍ୟବହାର ଉପରେ ପ୍ରଭାବ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଛି। ଏହି ଦଶ ବର୍ଷରେ ପ୍ରତି ମୋବାଇଲ ଡାଟା ଗ୍ରାହକଙ୍କ ମାସିକ ଡାଟା ବ୍ୟବହାର ୦.୨ ଜିବି ରୁ ୨୬.୭ ଜିବିକୁ ବୃଦ୍ଧି ପାଇଛି - ଯାହା ୧୨୮ ଗୁଣରୁ ଅଧିକ ହୋଇଛି। ଏହି ତଥ୍ୟ ଜିଓର ଆଇପିଓ ପାଇଁ ଡିଆରଏଚପିରେ ସାମିଲ ଥିବା ଆନାଲିସିସ୍ ମେସନ୍ ରିପୋର୍ଟ ର ଭାରତୀୟ ଟେଲିକମ୍ ବଜାରର ଆକଳନ ଉପରେ ଆଧାରିତ। ଟ୍ରାଇ ପକ୍ଷରୁ ଜାରି ହୋଇଥିବା ସଦ୍ୟତମ ତଥ୍ୟ ସୂଚାଇଛି ଯେ ଡାଟା ପାଇଁ ଏହି ବଢୁଥିବା ଚାହିଦା ଆହୁରି ବୃଦ୍ଧି ପାଇଛି। ମାର୍ଚ୍ଚ ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକରେ, ଦେଶରେ ହାରାହାରି ୱାୟାରଲେସ୍ ଡାଟା ଗ୍ରାହକ ପ୍ରତି ମାସରେ ୨୬.୭ ଜିବି ଡାଟା ବ୍ୟବହାର କରୁଥିଲେ। ପ୍ରତି ଜିବି ୱାୟାରଲେସ୍ ଡାଟାରୁ ପ୍ରାପ୍ତ ହାରାହାରି ରାଜସ୍ୱ ୭.୫୧ ଟଙ୍କାକୁ ହ୍ରାସ ପାଇଛି। ମାର୍ଚ୍ଚ ଶେଷ ସୁଦ୍ଧା, ଭାରତରେ ଇଣ୍ଟରନେଟ୍ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧୦୯.୩ କୋଟି ରହିଥିବା ବେଳେ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୧୦୬.୬ କୋଟି ରହିଥିଲା। ଡାଟା ବ୍ୟବହାର - ଜାତୀୟ ହାରାହାରି ୨୬.୭ ଜିବି; ଜିଓ ନେଟୱାର୍କରେ ହାରାହାରି ୪୩.୭ ଜିବି ଡାଟା ବ୍ୟବହାରରେ ବ୍ୟାପକ ବୃଦ୍ଧି ଜିଓ ନେଟୱାର୍କରେ ସ୍ପଷ୍ଟ ପରିଲକ୍ଷିତ ହେଉଛି।

